୬ ମହିଳା ଏସିଆ କପ୍ ରାଇଜିଂ ଷ୍ଟାର
ଦ୍ୱିତୀୟ ଥର ଫାଇନାଲରେ ଭାରତ ଏ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୪ ● ୨୧ ଫେବୃଆରୀ ୨୦୨୬, ଶନିବାର ● ଭୁବନେଶ୍ୱର ● Vol -33 ● Issue-24 ● 21st February 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବଜେଟ୍ ୨୦୨୬-୨୭



## 'ଲୋକଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି'

# ୩.୧୦ ଲକ୍ଷ କୋଟିର ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

### ଭିତ୍ତିଭୂମି ବିକାଶ, କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ, ମହିଳା, ଶିଳ୍ପ, ଦକ୍ଷତା ବିକାଶ, ଅନୁସୂଚିତ ଜାତି ଜନଜାତି କଲ୍ୟାଣ, ମହିଳା ସଶକ୍ତିକରଣ ଉପରେ ପ୍ରାଥମିକତା ।

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ବିଧାନସଭାରେ ଅର୍ଥ ବିଭାଗ ଦାୟିତ୍ୱ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବାର୍ଷିକ ବଜେଟ୍ ଉପସ୍ଥାପନ କରିଛନ୍ତି । 'ଲୋକଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି'ର ପ୍ରତିବଦ୍ଧତାକୁ ସାକାର କରିବା ପାଇଁ ଏହି ବଜେଟ୍‌ରେ ୬ଟି ଦୃଢ଼ ସ୍ତମ୍ଭ ବିଶେଷକରି ନାଗରିକଙ୍କୁ ପ୍ରାଥମିକତା, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କର ସମୃଦ୍ଧି, ଆମ ପରମ୍ପରା ଆମ ସ୍ୱାଭିମାନ, ପଥ ପ୍ରଦର୍ଶନକାରୀ ପ୍ରଯୁକ୍ତି ଏବଂ ଲୋକକୈନ୍ଦ୍ରିକ ଶାସନ ଉପରେ ଗୁରୁତ୍ୱ ଦିଆଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍‌ରେ ପ୍ରଶାସନିକ ଖର୍ଚ୍ଚ ପାଇଁ ୧୧୪୦୦୦ କୋଟି ଟଙ୍କାର ବ୍ୟବସ୍ଥା ରଖାଯାଇଥିବା ବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ୧୮୦୦୦୦ କୋଟି ଟଙ୍କା, ବିପର୍ଯ୍ୟୟ ବିପଦ ଓ ପରିଚାଳନା ପାଣ୍ଠି ପାଇଁ ୫୩୭୫ କୋଟି, ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ବାବଦରେ ୧୦୬୨୫ କୋଟି ଟଙ୍କାର ବ୍ୟବସ୍ଥା ରହିଛି । କାର୍ଯ୍ୟକ୍ରମ ବ୍ୟୟ ମୋଟ ବଜେଟ୍ ଆକାରର ୫୮ ପ୍ରତିଶତରୁ ଅଧିକ ହୋଇଥିବା ବେଳେ ପୁଞ୍ଜିବ୍ୟୟ ଅଟକଳ ୭୨୧୦୦ କୋଟି ଟଙ୍କା ଯାହାକି ଜିଏସ୍‌ଡିପିର ୬.୫ ପ୍ରତିଶତ ଏବଂ ରାଜ୍ୟ ବଜେଟ୍ ଆକଳନର ୨୩.୩ ପ୍ରତିଶତ । ଓଡ଼ିଶାର ପୁଞ୍ଜିବ୍ୟୟର ଅନୁପାତ ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ବୋଲି ଦର୍ଶାଯାଇଛି ।

ବଜେଟ୍‌ରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୪୨ ହଜାର ୪୯୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି ଯାହା ପୂର୍ବବର୍ଷ ତୁଳନାରେ ୧୨.୩ ପ୍ରତିଶତରୁ ଅଧିକ । ରାଜସ୍ୱ ବଳକା ଜିଏସ୍‌ଡିପିର ୩ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ବିତ୍ତୀୟ ନିଅଣ୍ଟ ଜିଏସ୍‌ଡିପିର ୩.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିବା ବେଳେ ବର୍ଷ ଶେଷ ଋଣ ଭାର ଜିଏସ୍‌ଡିପିର ୧୪.୧ ପ୍ରତିଶତ ରହିବାର ଆକଳନ କରାଯାଇଛି । ତେଣୁ ୨୦୨୬-୨୭ ବର୍ଷକ ବଜେଟ୍ ସଂପୂର୍ଣ୍ଣ ଭାବେ ଏଫ୍‌ଆରବିଏମ୍ ଅଧିନିୟମ ପରିପାଳକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

୨୦୨୬-୨୭ ବଜେଟ୍‌ର ନୂଆ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଗୃହରେ ବିସ୍ତୃତ ସୂଚନା ଦେଇଛନ୍ତି । ୧ ହଜାର କୋଟି ଟଙ୍କା ବ୍ୟୟରେ ପୁରୀରେ ଶ୍ରୀଜଗନ୍ନାଥଙ୍କର ଇଣ୍ଟରପିଣ୍ଟେସନ ସେଣ୍ଟର ଏବଂ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଅନ୍‌ଲାଇନ୍ ଦାନ ପ୍ଲାଟ୍‌ଫର୍ମ 'ଡିଜିଟାଲ ହୁଣ୍ଡି ସମର୍ପଣ' ବ୍ୟବସ୍ଥା କରାଯିବ । ସେହିପରି ଭତ୍ତା ପାଇବାରୁ ବାଦ୍ ପଡିଥିବା ଅତିରିକ୍ତ ୬ ଲକ୍ଷ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯିବ । ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଅଧୀନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରରେ ଜନ୍ମିତ ଝିଅ ନାମରେ ୨୦ ହଜାର ଟଙ୍କା ସଞ୍ଚୟ କରାଯାଇ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ତାଙ୍କୁ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବାର (ପୃଷ୍ଠା ୭ରେ)

- ଗତ ବର୍ଷ ତୁଳନାରେ ୨୦ ହଜାର କୋଟି ଅଧିକ ।
- ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଲାଇବ୍ରେରୀ କେନ୍ଦ୍ର ପାଇଁ ୧ ହଜାର କୋଟି ।
- ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାଁରେ ଅନଲାଇନ୍ ଡିଜିଟାଲ ହୁଣ୍ଡି ।
- ବାହାରୁ ଆସୁଥିବା ଅତିଥିଙ୍କ ପାଇଁ ନିର୍ମାଣ ହେବ ଜନ ଆଶ୍ରୟ ଭବନ ।
- ନୂତନ ରାଜ୍ୟ ବିଧାନସଭା ସୌଧ, ନୂତନ ସଚିବାଳୟ ଭବନ ହେବ ।
- ପର୍ଯ୍ୟଟନ ବିକାଶ ପାଇଁ ପୁରୀରେ ଶାମୁକା ପ୍ରକଳ୍ପ ।

## ୨୩ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ସୋମବାର ଫେବୃଆରୀ ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" ବନ୍ଦରହିବ । ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତ୍ତର ଥିବାରୁ ଆସନ୍ତା ସୋମବାର 'ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣ ମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଏଆଇ ଏବଂ ଡିପ୍-ଟେକ୍ ଷ୍ଟାର୍ଟଅପ୍‌ଗୁଡ଼ିକର ସିଇଓମାନଙ୍କ ସହିତ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୦।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀର ଶେଷ ଦିନରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିପ୍-ଟେକ୍ କ୍ଷେତ୍ରର ଅଗ୍ରଣୀ ଷ୍ଟାର୍ଟଅପ୍ ଗୁଡ଼ିକର ସିଇଓମାନଙ୍କ ସହିତ ଆଲୋଚନା କରିଛନ୍ତି । ସମ୍ମିଳନୀ ସମୟରେ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟସେବା, ସାଇବର ସୁରକ୍ଷା, ମହାକାଶ ଏବଂ ଅନ୍ୟାନ୍ୟ ଉଦୀୟମାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକର ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ ଏବଂ ନବସୃଜନ ବିଷୟରେ ଜାଣିବାକୁ ପାଇଥିଲେ ।ପ୍ରଧାନମନ୍ତ୍ରୀ ମୋଦୀ ଏଠାରେ ଭାରତ ମଣ୍ଡପମରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ଷ୍ଟାର୍ଟଅପ୍ ସିଇଓମାନଙ୍କ ସହିତ ଗଭୀର ଆଲୋଚନା କରିଥିଲେ । ସମ୍ମିଳନୀ ସମୟରେ, ସେ ବିଭିନ୍ନ ପ୍ରଯୁକ୍ତିବିଦ୍ୟା ସମାଧାନ, ଗବେଷଣା ଏବଂ ଉତ୍ପାଦ ବିକାଶ ଦିଗଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଷ୍ଟାର୍ଟଅପ୍‌ଗୁଡ଼ିକ ସେମାନଙ୍କର ଏଆଇ-ଆଧାରିତ ସମାଧାନ ଏବଂ ସେମାନଙ୍କର ସାମାଜିକ ଏବଂ ଅର୍ଥନୈତିକ ପ୍ରଭାବକୁ ବାଣ୍ଟିଥିଲେ । ଏହି ବୈଠକରେ କୃତ୍ରିମ ବୁଦ୍ଧିମତ୍ତା, ମେସିନ୍ ଲର୍ଣ୍ଣିଂ ଏବଂ ଡିପ୍-ଟେକ୍ ପ୍ରଯୁକ୍ତିବିଦ୍ୟା କିପରି ଭାରତର ଡିଜିଟାଲ୍ ଅର୍ଥନୀତିକୁ ତ୍ୱରାନ୍ୱିତ କରିପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନବସୃଜନ, ଗବେଷଣା ଏବଂ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ପ୍ରଯୁକ୍ତିବିଦ୍ୟାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ଭାରତର ଯୁବପିଢ଼ି ଏବଂ ଉଦ୍ୟୋଗୀମାନଙ୍କ ପାଖରେ ବିଶ୍ୱ ସ୍ତରରେ ପ୍ରତିଯୋଗିତା କରିବାର ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦେଶକୁ ନୂତନ ଉଚ୍ଚତାକୁ ନେଇଯିବାର ସମ୍ଭାବନା ରହିଛି ।

## ବଜେଟରେ କେଉଁ ବିଭାଗକୁ କେତେ

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନ ୨୦୨୬-୨୭ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିଛନ୍ତି । ମୋହନଙ୍କ ବଜେଟରେ ଅର୍ଥ ବିଭାଗକୁ ସର୍ବାଧିକ ୬୫ ହଜାର ୨୯୨ କୋଟି ଟଙ୍କା ମିଳିଛି । ସେହିପରି ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗକୁ ୩୪ ହଜାର ୧୬୬ କୋଟି ଟଙ୍କା, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ୩୧ ହଜାର ୯୯୭ କୋଟି , ସ୍ୱାସ୍ଥ୍ୟ ବିଭାଗକୁ ୨୩ ହଜାର ୧୮୨ କୋଟି, ଜଳ ସମ୍ପଦ ବିଭାଗକୁ ୧୬ ହଜାର ୪୮୮ କୋଟି , ମହିଳା ଓ ଶିଶୁ ବିଭାଗକୁ ୧୬ ହଜାର ୧୫୨ କୋଟି , କୃଷି ବିଭାଗକୁ ୧୪ ହଜାର ୭୦୧ କୋଟି , ପୂର୍ତ୍ତ ବିଭାଗକୁ ୧୩ ହଜାର ୪୫୧ କୋଟି , ଗୃହ ବିଭାଗକୁ ୧୧ ହଜାର ୨୮ କୋଟି , ଗୃହ ଓ ନଗର ଉନ୍ନୟନ ବିଭାଗକୁ ୧୦ (ପୃଷ୍ଠା ୭ରେ)

## ଓଡ଼ିଶାର ଋଣ ଭାର ପୋଷଣୀୟସ୍ତରରେ ଅଛି

# ଏ ବର୍ଷ ହେବ ୪୭ ହଜାର ୮୦୦ କୋଟି ଋଣ



ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଋଣ ଭାର ଏଫ୍‌ଆରବିଏମ୍ ଅଧିନିୟମ ଅନୁସାରେ ପୋଷଣୀୟ ସ୍ତରରେ ରହିଛି । ଓଡ଼ିଶାର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ବିଶେଷକରି ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକ ଅଧିକ ଋଣ କରାଯାଇ ପାରିବ । ଏଥିପାଇଁ କେନ୍ଦ୍ର ସରକାର ମଧ ପରାମର୍ଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିବା ପରେ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରି କହିଥିଲେ ଯେ, ସିଏଜିଙ୍କ ପ୍ରାପ୍ତ ତଥ୍ୟ ଅନୁସାରେ ୨୦୨୪-୨୫ ସୁଦ୍ଧା ରାଜ୍ୟର ଋଣ ଭାର ୧ ଲକ୍ଷ ୨୦ ହଜାର ୭୧୦ କୋଟିରେ ପହଞ୍ଚିଛି ଥିବା ବେଳେ ୨୦୨୬-୨୭ (ପୃଷ୍ଠା ୭ରେ)

## ଏକାଳ ପଖାଳ



ବୋପା ମା' କଣ ଦେଖିବ
କଣ ଶୁଣିବ କାନେ
ଯୋଜନା ମାଳ କେବେ ଦେଖିଥିଲ
ପଡୁଅଛି କୁହ ମନେ ?
ସ୍ୱପ୍ନ ପୂରା ହେଉ ଜନେ
ରାଇଜ ବଜେଟ ହେଁ...ବଡ
ଜନସ୍ୱାର୍ଥ ରଖି ଧ୍ୟାନେ ।

# ଏଆଇ ଗଭର୍ଣ୍ଣାନ୍ସ ବିକାଶ ଉପରେ ବ୍ରେକ୍ ନୁହେଁ, ସମାଧାନର ଏକ୍ସିଲେଟର




ନୂଆଦିଲ୍ଲୀ, ୨୦।୨

ଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଆୟୋଜିତ ଏଆଇ ଶିଖର ସମ୍ମିଳନୀରେ ଶୁକ୍ରବାର ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି ଯେ ବିଜ୍ଞାନ-ଆଧାରିତ ଏଆଇ ଶାସନ ପ୍ରଗତିରେ ବ୍ରେକ୍ ନୁହେଁ, ବରଂ ସମାଧାନକୁ ଦ୍ରୁତ କରୁଥିବା ଏକ ଏକ୍ସିଲେଟର । ସେ ସଚେତନ କରିଛନ୍ତି ଯେ ଯଦି ଏଆଇ ପାଇଁ ସାମାନ୍ୟ ଜାତୀୟ ମାନଦଣ୍ଡ ଗଠନ ହେବ ନାହିଁ, ତେବେ ସାରା ବିଶ୍ୱରେ ନିୟମମାନଙ୍କର ଏକ "ପ୍ୟାଚୱାର୍କ" ସୃଷ୍ଟି ହେବ, ଯାହା ଫଳରେ ଖର୍ଚ୍ଚ ବୃଦ୍ଧି ପାଇବ, ସୁରକ୍ଷା ଦୁର୍ବଳ ହେବ ଏବଂ ଅସମାନତା ଆହୁରି ଗଭୀର ହେବ ।

ଜାତିସଂଘର ମହାସଚିବ କହିଛନ୍ତି ଯେ ସ୍ୱଷ୍ଟ ଏବଂ ଭରସା ସୃଷ୍ଟି କରୁଥିବା ନିୟମ ବ୍ୟବସାୟମାନଙ୍କୁ ଦିଗ ନିର୍ଦ୍ଦେଶ ଦେଇଥାଏ, ଯାହାଦ୍ୱାରା ନବଉନ୍ମେଷଣ ସଠିକ୍ ପଥରେ ଦ୍ରୁତ ଗତିରେ ଆଗେଇପାରେ । ବିଜ୍ଞାନ-ଆଧାରିତ ଶାସନ ପ୍ରଗତିକୁ ବନ୍ଦ କରେ ନାହିଁ, ବରଂ ତାହାକୁ ଅଧିକ ସୁରକ୍ଷିତ, ନ୍ୟାୟସଙ୍ଗତ ଏବଂ ବ୍ୟାପକ ଭାବେ ସାଂଯୋଗ କରିପାରିବାଯୋଗ୍ୟ କରେ ।

ଆଣ୍ଟୋନିଓ ଗୁଟେରେସ୍ ଜୋର ଦେଇ କହିଛନ୍ତି ଯେ ଏଆଇର ପ୍ରଭାବ ଶିଶୁମାନଙ୍କ ସୁରକ୍ଷା, ଶ୍ରମ ବଜାରର (ପୃଷ୍ଠା ୭ରେ)

# ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୪୮ ଘଣ୍ଟାରେ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା । ବିଷୁବୀୟ ଭାରତ ମହାସାଗର ଓ ସଲଂଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ୪୮ ଘଣ୍ଟାରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି ।

ଏହା ପରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ଯାହାର ପ୍ରଭାବରେ ଆସନ୍ତା ୨୩ ତାରିଖରୁ ରାଜ୍ୟରେ ବିଜୁଳି ଘଡଘଡି ସହ ହାଲୁକା ମଧ୍ୟମ ବର୍ଷା ସମ୍ଭାବନା । ଏଥିପାଇଁ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ଏହି ଜିଲ୍ଲା ଗୁଡ଼ିକ ହେଲା



ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ପୁରୀ, କଟକ, ଖୋର୍ଦ୍ଧା, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ମୟୂରଭଞ୍ଜ, କେଉଁଝର । ଅନ୍ୟପଟେ ୨୪ ତାରିଖ ପାଇଁ ଖୋର୍ଦ୍ଧା, କଟକ, ମୟୂରଭଞ୍ଜରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଟ୍ରମ୍ପଙ୍କ ଚେତାବନୀ ପରେ ଯୁଦ୍ଧ ମୁହାଁ ଆମେରିକା-ଇରାନ !

ବିଶ୍ୱ ରାଜନୀତିରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଛି। ଜେନେଭାରେ ଶୁକ୍ରବାର ଏହି ବୈଠକ ଆୟୋଜନ ହୋଇଛି । ଓମାନର ମଧ୍ୟସ୍ଥତାରେ ହେବାକୁ ଥିବା ଏହି ବୈଠକରେ ପରମାଣୁ କାର୍ଯ୍ୟକ୍ରମ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ । ଇରାନ ବିଦେଶ ମନ୍ତ୍ରୀ ଅବ୍ବାସ ଅରାଘଚି ନିଜ ପ୍ରତିନିଧି ଦଳ ସହ ଜେନେଭାରେ ପହଞ୍ଚି ସାରିଛନ୍ତି। ଅନ୍ୟପଟେ ଆମେରିକା ପକ୍ଷରୁ ମଧ୍ୟପ୍ରାଚ୍ୟ ଦୂତ ଷ୍ଟିଭ୍ ୱିଟକଫ୍ ଏବଂ ଜେରେଡ୍ କୁଶନର୍ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ସେ ଏହି ବୈଠକରେ ପରୋକ୍ଷ ଭାବେ ସାମିଲ ରହିବେ । ଏହି ବୈଠକରେ କେବଳ ପରମାଣୁ କାର୍ଯ୍ୟକ୍ରମ ନୁହେଁ, ବରଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ନଜର ରହିବ। ଆମେରିକା ପରମାଣୁ କାର୍ଯ୍ୟକ୍ରମ ସହ ମିସାଇଲ ଭଣ୍ଡାର ଉପରେ ମଧ୍ୟ ଆଲୋଚନା କରିବାକୁ ଚାହୁଁଛି । ଇରାନ ଚାହୁଁଛି ଯେ ତା' ଉପରୁ ଆର୍ଥିକ ପ୍ରତିବନ୍ଧକ ହଟାଯାଉ ଏବଂ ତେଲ, ଗ୍ୟାସ୍ ଓ ଖଣି କ୍ଷେତ୍ରରେ ବିଦେଶୀ ନିବେଶ ପାଇଁ ଅନୁମତି ମିଳୁ । ମଧ୍ୟପ୍ରାଚ୍ୟରେ ଶାନ୍ତି ରକ୍ଷା ପାଇଁ ଆଲୋଚନା ହେବ । ଚରମ ସୀମାରେ ଉତ୍ତେଜନା ବଢିଚାଲିଛି। ନିଜ ନିଜ ଶକ୍ତି ପ୍ରଦର୍ଶନପାଇଁ ଯୁଦ୍ଧ ପ୍ରସ୍ତୁତିରେ ଉଭୟ ଦେଶ। ଆଲୋଚନା ଚାଲିଥିଲେ ମଧ୍ୟ ଉଭୟ ଦେଶ ସୀମାରେ ସ୍ଥିତି ଅତ୍ୟନ୍ତ ଜଟିଳ ରହିଛି । ଆମେରିକା ମଧ୍ୟପ୍ରାଚ୍ୟରେ ଦ୍ୱିତୀୟ ଏୟାରକ୍ରାଫ୍ଟ କ୍ୟାରିୟର୍ ମୁତୟନ କରିଛି । ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ବୁଝାମଣା ନ କରେ, ତେବେ ପରିଣାମ ଭୟଙ୍କର ହେବ । ସେ B-2 ବମ୍ବର ବିମାନର ଉଦାହରଣ ଦେଇ ଇରାନକୁ ଧମକ ମଧ୍ୟ ଦେଇଛନ୍ତି । ଅନ୍ୟପଟେ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (IRGC) ହର୍ମୁଜ ଷ୍ଟ୍ରେଟରେ ସମରାଭ୍ୟାସ ଆରମ୍ଭ କରିଛି । ଯଦି ଆମେରିକା ଆକ୍ରମଣ କରେ, ତେବେ ହର୍ମୁଜ ଷ୍ଟ୍ରେଟ୍ ବନ୍ଦ କରିବା ସହ ଆମେରିକୀୟ ଶିବିର ଉପରେ ଆକ୍ରମଣ କରାଯିବ ବୋଲି ଇରାନ ଚେତାବନୀ ଦେଇଛି । ଏବେ ପ୍ରଶ୍ନ ଉଠୁଛି ଉଭୟ ଦେଶ ମଧ୍ୟରେ ଏହି ଆଲୋଚନା ସଫଳ ହେବ କି? ଆମେରିକା ଚାହୁଁଛି ଇରାନ ୟୁରାନିୟମ ସମୃଦ୍ଧିକରଣ ସମ୍ପୂର୍ଣ୍ଣ ବନ୍ଦ କରୁ। କିନ୍ତୁ, ଇରାନ ନିଜର ମିସାଇଲ କ୍ଷମତା ଉପରେ କୌଣସି ଆଲୋଚନା କରିବାକୁ ମନା କରିଦେଇଛି । ଏଭଳି ସ୍ଥିତିରେ ଏହି ବୈଠକ କେତେଦୂର ସଫଳ ହେଉଛି, ତାହା ଉପରେ ସାରା ବିଶ୍ୱର ନଜର ରହିଛି।

# ବାହ୍ୟ ଓ ଅନ୍ତଃ ପ୍ରଦୂଷଣରୁ ମୁକ୍ତି



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

୧୯୨୫ ବର୍ଷରେ ମହାତ୍ମା ଗାନ୍ଧି କହିଥିଲେ, 'ଭାରତବର୍ଷ ଗ୍ରାମାଞ୍ଚଳରେ ଅଛି ।' ସେତେବେଳେ ପ୍ରତି ୧୦ଜଣ ଭାରତୀୟଙ୍କ ମଧ୍ୟରୁ ୯ଜଣ ଗାଁରେ ବାସ କରୁଥିଲେ। କ୍ରମଶଃ ପରିସ୍ଥିତି, ପରିବେଶ ଓ ଜନସାଧାରଣଙ୍କ ଅବସ୍ଥାରେ ପରିବର୍ତ୍ତନ ହେଲା। ୨୦୨୧ ବର୍ଷ ସୁଦ୍ଧା ଦେଶର ଏକ ତୃତୀୟାଂଶରୁ ଅଧିକ ଲୋକ ସହର ଓ ନଗର ଅଞ୍ଚଳରେ ବାସ କରୁଛନ୍ତି । ୨୦୩୬ ବର୍ଷ ସୁଦ୍ଧା ସହରାଞ୍ଚଳର ଜନସଂଖ୍ୟା ଦେଶର ଜନସଂଖ୍ୟାର ଶତକଡ଼ା ୩୯ ଭାଗ ହେବ ବୋଲି ଅଟକଳ କରାଯାଇଛି । ଜାତିସଂଘର ଆକଳନ ଅନୁଯାୟୀ ୨୦୪୬ ବର୍ଷରେ ଭାରତ ତା'ର ସ୍ୱାଧୀନତା ପ୍ରାପ୍ତିର ଶତବର୍ଷ ପୂର୍ତ୍ତି ପାଳନ କରିବା ବେଳକୁ ଦେଶର ଜନସଂଖ୍ୟାର ଅର୍ଦ୍ଧାଧିକ ସହରାଞ୍ଚଳରେ ବାସ କରୁଥିବେ। ଜନଗଣନା କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି, ୨୦୨୧ ବର୍ଷ ସୁଦ୍ଧା ଦେଶର ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବହୁଳାଂଶ ସହରାଞ୍ଚଳରେ ପରିଣତ ହୋଇଛି ଓ ୨୦୩୬ ବର୍ଷ ସୁଦ୍ଧା ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବହୁଳାଂଶ ସହରାଞ୍ଚଳରେ ପରିଣତ ହୋଇସାରିଥିବ। ୨୦୧୮ ବର୍ଷର ହିସାବ ଅନୁଯାୟୀ ଦିଲ୍ଲୀର ଲୋକସଂଖ୍ୟା ୨୮.୫ ନିୟୁତ, ମୁମ୍ବାଇର ୨୦ନିୟୁତ, କୋଲ୍‌କାତାର ୧୪.୭ ନିୟୁତ, ବେଙ୍ଗାଲୁରୁର ୧୧.୪ନିୟୁତ, ଚେନ୍ନାଇର ୧୦.୫ ନିୟୁତ ଥିଲା। ଏବେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇଛି ।

ସାର୍ ଡାଭିଡ୍ ଆଟେନ୍‌ବର୍ଗ୍ ଥରେ ବିଶ୍ୱ ପରିବେଶ ସମ୍ବନ୍ଧୀୟ ସେମିନାର୍‌ରେ ଏକ ନୈରାଶ୍ୟଜନକ ମନ୍ତବ୍ୟ ପ୍ରଦାନ କରି କହିଥିଲେ, 'ଆମେ ଏବେ ଅନେକ ପ୍ରକାର ପ୍ରାଣୀଙ୍କ ବିଲୁପ୍ତି ଓ ପ୍ରାୟତଃ ସଭ୍ୟତାର ଅନ୍ତିମ ପର୍ଯ୍ୟାୟ ଭଳି ସଂକଟର ସମ୍ମୁଖୀନ ହୋଇଛୁ।' ଭାରତବର୍ଷର ସାମ୍ପ୍ରତିକ ପରିସ୍ଥିତିରେ ଉପରୋକ୍ତ ମନ୍ତବ୍ୟର ଗୁରୁତ୍ୱ ରହିଛି । ପୃଥିବୀର ସର୍ବାଧିକ ପ୍ରଦୂଷିତ ୨୦ଟି ନଗର ମଧ୍ୟରୁ ୧୧ଟି ଭାରତରେ ଅଛି । ଭାରତର ମୁଖ୍ୟ ନଦୀଗୁଡ଼ିକ ଦୂଷିତ ଓ କ୍ଷୟିଷ୍ଣୁ । ବନାଞ୍ଚଳ ହ୍ରାସ ପାଇ ସମଗ୍ର ଭୂଖଣ୍ଡର ମାତ୍ର ଶତକଡ଼ା ୨୩ଭାଗରେ ପହଞ୍ଚିଛି । ଅଧିକାଂଶ ଭାରତୀୟ ନଗର ଜାତିସଂଘର ବାସୋପଯୋଗୀ ସୂଚକାଙ୍କର ତଳେ ଅଛି । ୮୯ଟି ମୁଖ୍ୟ ନଗରର ବାୟୁମଣ୍ଡଳ ଭୟଙ୍କର ଭାବରେ ଦୂଷିତ, ତନ୍ମଧ୍ୟରେ ଦିଲ୍ଲୀର ସ୍ଥାନ ସର୍ବୋଚ୍ଚ। ୭୫ଲକ୍ଷ ଗାଡ଼ି ଯାତାୟତ କରୁଥିବା ବେଙ୍ଗାଲୁରୁ ରାସ୍ତାରେ ଟ୍ରାଫିକ୍ ଜାମ୍। ମୁମ୍ବାଇ ରାସ୍ତାରେ ମୌସୁମୀ ବର୍ଷାର ଜଳ ପ୍ଲାବନ । କୋଲ୍‌କାତାରେ ପୁରୁଣା ଶୈଳୀରେ ବିଦ୍ୟୁତ୍ ଯୋଗାଣ । ଚେନ୍ନାଇରେ ଭଗ୍ନ ରାସ୍ତା, ଅବରୁଦ୍ଧ ଡ୍ରେନ୍, ରାସ୍ତାରେ ବିଦ୍ୟୁତାଲୋକ ଓ ଜଳ ନିଷ୍କାସନ ପାଇଁ ଡ୍ରେନ୍‌ର ଅଭାବ, ଏପରିକି ପାନୀୟ ଜଳର ଅଭାବ ଇତ୍ୟାଦି ନାଗପୁର, ଲକ୍ଷ୍ନୌ, ଉଦୟପୁର, ଝାନ୍‌ସୀ ଭଳି ଅନ୍ୟାନ୍ୟ ଅନେକ ଛୋଟ ବଡ଼ ନଗର ସହରରେ ଅବସ୍ଥା ତଦ୍ରୂପ । ବିଦ୍ୟୁତ୍ ଯୋଗାଣକାରୀ ଗ୍ରୀଡ୍, ଦକ୍ଷ ପରିବହନ ବ୍ୟବସ୍ଥାର ଅଭାବ । ବାରମ୍ବାର ବିଦ୍ୟୁତ୍ କାଟ, ଜଳ ଯୋଗାଣ ବନ୍ଦ, ଡ୍ରେନ୍ ଅବରୋଧ, ରନ୍ଧନ ଗ୍ୟାସ୍‌ର ଅଭାବ, ସାଧାରଣ ପରିବହନ ବ୍ୟବସ୍ଥା ଅଚଳ । ଅବଶ୍ୟ କେତେକ କ୍ଷେତ୍ରରେ କ୍ଷୁଦ୍ର ସଫଳତା ଦୃଶ୍ୟ ହେଉଛି, ଯେପରି ଅହମ୍ମଦାବାଦରେ ସାଧାରଣ ବସ୍ ଚଳାଚଳ ବ୍ୟବସ୍ଥା, ଉଦୟପୁରରେ ବିଶୁଦ୍ଧ ଜଳ ଯୋଗାଣ, ସୁରଟରେ ବର୍ଜ୍ୟବସ୍ତୁ ପରିଚାଳନା, ଭୁବନେଶ୍ୱରରେ ବୃକ୍ଷରୋପଣଜନିତ ସବୁଜିମା । କିନ୍ତୁ ୨୦୩୦ ବର୍ଷ ସୁଦ୍ଧା ସହରାଞ୍ଚଳର ଜନସଂଖ୍ୟା ୨୦୦ ନିୟୁତ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ପ୍ରଦୂଷଣର ନିରାକରଣ ନିମିତ୍ତ ନୂଆ ପଦକ୍ଷେପ ଗ୍ରହଣ ସହିତ ଗୃହ ଇତ୍ୟାଦି ନିର୍ମାଣ ପାଇଁ ନୂଆ ଯୋଜନା, ସହରାଞ୍ଚଳ ପାଇଁ ବାସ ଓ ସ୍ୱାସ୍ଥ୍ୟ ଉପଯୋଗୀ ନୂଆ ନୀତି ପ୍ରଣୟନର ଆବଶ୍ୟକତା ରହିଛି ।

ବାହ୍ୟ ପ୍ରଦୂଷଣ ସହିତ ମଣିଷର ଅନ୍ତଃ ପ୍ରଦୂଷଣ ସମାନ୍ତରାଳ ଗତିରେ ଚାଲିଥିଲା ଭଳି ଅନୁଭୂତ ହେଉଛି । ଇତିହାସର ବର୍ଣ୍ଣନା ଅନୁଯାୟୀ ଅଶୋକ କଳିଙ୍ଗ ଆକ୍ରମଣ କରି, ଅଙ୍ଗୁଳିମାଳ ଦସ୍ୟୁ ବୃତ୍ତି ଆଚରଣ କରି ଲୋକହତ୍ୟା କରିବା, ୨୩ତମ ଜୈନ ତୀର୍ଥଙ୍କର ପାର୍ଶ୍ୱନାଥଙ୍କୁ ତାଙ୍କ ଭାଇ କାମାଥ୍ କ୍ରମାଗତ ନିର୍ଯାତନା ଦେବା, ଏପରିକି ତାଙ୍କ ଶରୀରକୁ କ୍ଷତବିକ୍ଷତ କରିବା ସେମାନଙ୍କ ପ୍ରଦୂଷିତ ଅନ୍ତରର ପରିଚାୟକ । ଅବଶ୍ୟ ଅଶୋକ, ଅଙ୍ଗୁଳିମାଳ, କାମାଥ୍ ପ୍ରମୁଖ ସେମାନଙ୍କ କାର୍ଯ୍ୟ ପାଇଁ ପରବର୍ତ୍ତୀ ସମୟରେ ଅନୁତପ୍ତ ହୋଇଛନ୍ତି । ୨ୟ ବିଶ୍ୱଯୁଦ୍ଧ ସମୟରେ ଜାପାନ୍‌ର ବାୟୁସେନା ପର୍ଲ୍ ହାର୍ବର୍‌କୁ ଧ୍ୱଂସ କରିବା ଓ ତା'ର ପ୍ରତିକ୍ରିୟା ସ୍ୱରୂପ ଆମେରିକୀୟ ବାୟୁସେନା ଜାପାନ୍‌ର ହିରୋସୀମା, ନାଗାସାକୀରେ ପରମାଣୁ ବୋମା ନିକ୍ଷେପ କରି ଦୁଇ ସୁନ୍ଦର ନଗରକୁ ଧ୍ୱଂସ କରିଦେବା, ୨୦୦୧ ବର୍ଷ ସେପ୍ଟେମ୍ବର ୧୧ତାରିଖରେ ଆତଙ୍କବାଦୀ ଆକ୍ରମଣରେ ନ୍ୟୁୟର୍କ୍ ନଗରର ବିଶ୍ୱବାଣିଜ୍ୟ ସଂଗଠନ ସୌଧ ଧୂଳିସାତ୍ ହୋଇଯିବା ଭଳି ଘଟଣାଗୁଡ଼ିକ କିଛି ମଣିଷଙ୍କ ଅନ୍ତରର ଆବିଳତା, ହିଂସା, ପ୍ରତିହିଂସା, ପ୍ରତିକ୍ରିୟାଶୀଳତା, ପ୍ରତିଶୋଧପରାୟଣତାକୁ ସୂଚାଇ ଦେଉଛି । ଅନ୍ତର ଦୂଷିତ ହେଲେ ମଣିଷ ସ୍ୱାଭାବିକ ଭାବରେ ଦୋଷଯୁକ୍ତ କର୍ମରେ ପ୍ରବୃତ୍ତ ହୋଇଥାଏ।

ଉଭୟ ଦୃଷ୍ଟିରୁ ବିଚାରକଲେ ବାହ୍ୟ ଓ ଅନ୍ତଃ ପ୍ରଦୂଷଣ ଯୋଗୁଁ ମଣିଷ ସୁସ୍ଥ, ଶାନ୍ତ, ସୁଖୀ ଜୀବନ ଯାପନ କରିପାରୁ ନାହିଁ। କିଛି ଅହଂକାରୀ, ଅସଂଯମୀ ମଣିଷ ନିଜ ଅନ୍ତଃକରଣକୁ ଆବିଳ ଅସୁନ୍ଦର କରିବା ସହିତ ବହିଃପ୍ରକୃତି ଉପରେ ଅତ୍ୟାଚାର କରି ତାକୁ କୁତ୍ସିତ, କଦାକାର କରୁଛନ୍ତି । ସମ୍ବାଦପତ୍ରର ସୂଚନା ଅନୁଯାୟୀ ଅନେକ ଅଞ୍ଚଳରେ ରହିଛି ବଡ଼ ବଡ଼ ପାହାଡ଼, ବିବିଧ ଔଷଧୀୟ ବୃକ୍ଷରେ ଭରା ଘଞ୍ଚ ଜଙ୍ଗଲ, ଆଦିବାସୀମାନଙ୍କ ବାସଭୂମି, ଭୂମି ତଳେ ଅମାପ ଖଣିଜ ସମ୍ପଦ। ଏବେ ସେଠି ଆଇନ୍ ବହିର୍ଭୂତ ପନ୍ଥାରେ କିଛି ପଥରମାଫିଆ ବିଭିନ୍ନ ରାସାୟନିକ ସାମଗ୍ରୀ ସାହାଯ୍ୟରେ ବ୍ଲାଷ୍ଟିଂ କରି ପାହାଡ଼କୁ ନଷ୍ଟ କରୁଛନ୍ତି, ଖଣିଜଦ୍ରବ୍ୟ ବିଶେଷତଃ କଳାପଥର ଲୁଣ୍ଠନ କରୁଛନ୍ତି ସ୍ଥାନୀୟ ଓ ପ୍ରାଦେଶିକ ପ୍ରଶାସନର ଜ୍ଞାତସାରରେ । ଗୃହପାଳିତ ପଶୁମାନେ ଚରାଭୂଇଁରେ ଚରିବାରୁ ବଞ୍ଚିତ, ଆଦିବାସୀମାନେ ଜୀବନଧାରଣର ମୌଳିକ ଅଧିକାରରୁ ବଞ୍ଚିତ। ରାଜନେତା, ପ୍ରଶାସକଙ୍କ ସହିତ ମଧୁର ସମ୍ବନ୍ଧ ରଖି କିଛି ପଥରମାଫିଆ, ଖଣିମାଲିକ ହୋଇଛନ୍ତି ପ୍ରାକୃତିକ ସମ୍ପତ୍ତିର ଧ୍ୱଂସକାରୀ, ପରିବେଶର ପ୍ରଦୂଷଣକାରୀ ।

ପରିବେଶ ପ୍ରଦୂଷଣ ମୂଳରେ ରହିଛି ସେହି ମଣିଷମାନଙ୍କ ଅହଂକାର, ଅସଂଯମ। ପ୍ରଥମ ଜୈନ ତୀର୍ଥଙ୍କର ଋଷଭଦେବ ମଣିଷକୁ ନିରହଂକାର, ସଂଯମୀ ହୋଇ ଶାନ୍ତ ଅନ୍ତର ଓ ସୁସ୍ଥ ପରିବେଶରେ ସୁଖୀ ଜୀବନ ବଞ୍ଚିବାର ମୂଳ ମନ୍ତ୍ର ଦେଇଛନ୍ତି। ଜୈନମାନେ ପ୍ରତିବର୍ଷ ଭାଦ୍ରପଦ ଶୁକ୍ଳର ପଞ୍ଚମ ଦିନରୁ ଆରମ୍ଭ କରି ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରୁଥିବା ପର୍ଯ୍ୟୁଷଣ ପର୍ବ ଧର୍ମର ଦଶବିଧ ଉପାଦାନର ସୂଚକ ଯଥା କ୍ଷମା, ମର୍ଦ୍ଦଭ (ନମ୍ରତା), ଅର୍ଜଭ (ସ୍ୱଷ୍ଟବାଦିତା), ଶୌଚ (ପରିଚ୍ଛନ୍ନତା), ସତ୍ୟ, ସଂଯମ, ତପ, ତ୍ୟାଗ, ଅକିଞ୍ଚନ (ଅନାସକ୍ତି), ବ୍ରହ୍ମଚର୍ଯ୍ୟ। ନମ୍ରତାର ସହିତ ସଂଯମ ପାଳନ କରି ପରିବେଶକୁ ପରିଚ୍ଛନ୍ନ ରଖିଲେ ତାହା ସୁରକ୍ଷିତ ରହିବା ସହିତ ମଣିଷ ବାହ୍ୟ ଓ ଅନ୍ତଃ ପ୍ରଦୂଷଣରୁ ମୁକ୍ତ ହୋଇପାରିବ ବୋଲି ଋଷଭଦେବଙ୍କ ମତ। 'ନମ୍ରତା'ର ଇଂରାଜୀ ଶବ୍ଦ 'ହ୍ୟୁମିଲିଟି' ଲାଟିନ୍ 'ହ୍ୟୁମସ୍' ଶବ୍ଦରୁ ଆସିଛି, ଯାହାର ଅର୍ଥ 'ଭୂମି ସହିତ ସଂଲଗ୍ନ' ବା 'ଭୂମିରୁ ଉତ୍ଥିତ' । ନମ୍ରତା ମଣିଷକୁ ବିପୁଳ ଅନ୍ତଃଶକ୍ତି ପ୍ରଦାନ କରେ ; ଯାହା ତା'ର ଅନ୍ତର ଓ ଚତୁଃପାର୍ଶ୍ୱକୁ ପବିତ୍ର କରିପାରେ । 'ଶ୍ରୀମଦ୍‌ଭଗବତ୍ ଗୀତା'ର ବର୍ଣ୍ଣନା ଅନୁଯାୟୀ 'ପ୍ରଜ୍ଞା'ର ୨୦ଟି ଗୁଣ ମଧ୍ୟରୁ 'ଅମାନିତ୍ୱମ୍' ବା ଅହଂହୀନତା, ନମ୍ରତା ହେଉଛି ପ୍ରଥମ । ମହାତ୍ମା ଗାନ୍ଧିଙ୍କ ବିଚାରରେ, ନମ୍ରତା ଏକ ଅତ୍ୟାବଶ୍ୟକ ସଦ୍‌ଗୁଣ, ଯାହା ଜଣେ ମଣିଷର ରହିଲେ ଯାଇ ତା'ଠାରେ ଅନ୍ୟ ସଦ୍‌ଗୁଣଗୁଡ଼ିକ ସ୍ୱାଭାବିକ ଭାବରେ ବିକଶିତ ହେବ। ସପ୍ତଦଶ ଶତାବ୍ଦୀରେ ଫ୍ରାନ୍ସରେ ଜଣେ ମହତ ବ୍ୟକ୍ତି ଥିଲେ ବ୍ରଦର୍ ଲରେନ୍ସ, ଖୁବ୍ ଭଦ୍ର ନମ୍ର, କୌଣସି ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିନଥିଲେ, ରନ୍ଧନଶାଳାରେ କାର୍ଯ୍ୟ କରୁଥିଲେ, ତାଙ୍କର ସତ୍ କଥନ, ସତ୍ କର୍ମରୁ ଠିକ୍ ଜଣେ ସନ୍ନ୍ୟାସୀର ପବିତ୍ର ଜ୍ୟୋତି ନିର୍ଗତ ହେଉଥିଲା । ସେ କହୁଥିଲେ, 'ମୁଁ କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥନା-ଶୃଙ୍ଖଳା ଅଭ୍ୟାସ କରେ ନାହିଁ। ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ଶୈଳୀ ମୋର ନାହିଁ। ମୁଁ କାହିଁକି ଉପବାସ କରିବି ? ପ୍ରାର୍ଥନା ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବି ? ଯଦି ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ସଚେତନ ଭାବରେ ସମସ୍ତଙ୍କୁ ଶ୍ରଦ୍ଧା କରିବାର ଅଭ୍ୟାସ କରୁଛି, ଈଶ୍ୱରଙ୍କ ଉଦ୍ଦେଶ୍ୟରେ କର୍ମ କରୁଛି, ତେବେ ଏପରି ଆଧ୍ୟାତ୍ମିକ ପଦ୍ଧତିଗୁଡ଼ିକୁ ଅନୁସରଣ କରିବାର ଆବଶ୍ୟକତା ନାହିଁ । ମୁଁ କେବେ କୌଣସି ବୃଥା, ନିରର୍ଥକ ଚିନ୍ତା କରେ ନାହିଁ। ସବୁବେଳେ ଅନୁଭବ କରେ, ଈଶ୍ୱରଙ୍କ ଉପସ୍ଥିତିରେ ମୁଁ ଚଳପ୍ରଚଳ ହେଉଛି । ପ୍ରତିଦିନର ବ୍ୟସ୍ତତମ ମୁହୂର୍ତ୍ତଓ ପ୍ରାର୍ଥନା ମଣ୍ଡପର ନିରବ ମୁହୂର୍ତ୍ତ ମଧ୍ୟରେ ମୁଁ କୌଣସି ପ୍ରଭେଦ ଲକ୍ଷ୍ୟ କରେ ନାହିଁ। ମୋର କେବଳ ପ୍ରାର୍ଥନା-ଅଭ୍ୟାସ ହେଉଛି ଏକାଗ୍ରତା। ମୋର ଅନୁଭବ ହୁଏ, ଯେମିତି ମୁଁ ଅଭ୍ୟାସଗତ ଭାବରେ ନିରବରେ ଗୋପନରେ ଈଶ୍ୱରଙ୍କ ସହିତ କଥା ହେଉଛି, ଯାହା ମୋତେ ବିପୁଳ ଆନନ୍ଦରେ ପୂର୍ଣ୍ଣ କରେ।'

ଆମେ ଏବେ ଗାଁ, ସହର, ପାହାଡ଼, ପର୍ବତ, ନଦୀ, ନାଳ ଯେଉଁ ଆଡ଼କୁ ଚାହିଁଲେ ଦେଖିବା, ଦଳେ ଲୋକ ବିଭିନ୍ନ ଧର୍ମଗୁରୁଙ୍କର ଆଶ୍ରିତ, ନିର୍ଦ୍ଧାରିତ ସମୟରେ ସତ୍‌ସଙ୍ଗରେ ଯୋଗ ଦେଉଛନ୍ତି, ବଡ଼ ପାଟିରେ ପ୍ରାର୍ଥନା ବୋଲୁଛନ୍ତି, ଆବଶ୍ୟକ ସ୍ଥଳେ ଉପବାସ କରି 'ଉପବାସ'କୁ ଈଶ୍ୱରଙ୍କ ନିକଟ ବାସ ବୋଲି କହୁଛନ୍ତି, ଅଥଚ ସରକାରୀ ଚାକିରିରେ ଥାଇ ଉଚ୍ଚ ବେତନଭୋଗୀ ହୋଇ ଜନସାଧାରଣଙ୍କ ଠାରୁ ଉତ୍କୋଚ ଆଦାୟରେ ବ୍ୟସ୍ତ ଅଛନ୍ତି । ଆଉ ଦଳେ ନିଶାସକ୍ତ, ଅନୈତିକ ଯୌନାଚାରଲିପ୍ତ, ହୋଟେଲ୍, ରେସ୍ତୋରାଁ, ରାଜରାସ୍ତାରେ କଳହରତ । ପାହାଡ଼ ପର୍ବତରେ ଅବିଚାରିତ ଭାବରେ ଗଛକଟା ଚାଲିଛି, ଖଣିଜ ସାମଗ୍ରୀର ବେଆଇନ୍ ଖନନ ଚାଲିଛି, ନଦୀ ନାଳର ଜଳରାଶି ପ୍ରଦୂଷିତ, ବାୟୁମଣ୍ଡଳ ଅସ୍ୱାସ୍ଥ୍ୟକରା କିଛି ଡିଗ୍ରୀ ଡିପ୍ଲୋମାଧାରୀ ସ୍ଥଳ ଜଳଭାଗକୁ ଅଳିଆ ଆବର୍ଜନା ବର୍ଜ୍ୟବସ୍ତୁ ଫିଙ୍ଗିବାରେ ଅଭ୍ୟସ୍ତ । ବାହ୍ୟ ପ୍ରଦୂଷଣର ନିୟନ୍ତ୍ରଣ ପାଇଁ ସମୟୋଚିତ କିଛି କିଛି ସରକାରୀ ବ୍ୟବସ୍ଥା ହୋଇପାରେ, କିନ୍ତୁ ଉଭୟ ବାହ୍ୟ ଓ ଅନ୍ତଃ ପ୍ରଦୂଷଣର ନିରାକରଣ ପାଇଁ ପ୍ରତ୍ୟେକ ବ୍ୟକ୍ତିର ଆତ୍ମସଂଯମ ଆବଶ୍ୟକ ।

# ଅନ୍ଧାର ଭିତରେ ଆଲୋକର ସନ୍ଧାନ-ଶ୍ରୀମା



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ଦୂରଭାଷ : ୭୮୪୬୯୨୧୪୦୦
Mail: meerabeura74@gmail.com

Once Mahatma Gandhi said when India fails Asia dies. ଯେତେବେଳେ ଭାରତ ବିଫଳ ହୁଏ ସମଗ୍ର ଏସିଆ ମହାଦେଶ ମୃତ୍ୟୁବରଣ କରେ।' ପ୍ରକୃତରେ କହିବାକୁ ଗଲେ ଭାରତବର୍ଷ ଏଭଳି ଏକ ରାଷ୍ଟ୍ର ସମଗ୍ର ବିଶ୍ୱରେ ଯାହାର ପବିତ୍ର ପୁଣ୍ୟ ଭୂମିରେ କେବଳ ସାଧୁ, ସନ୍ନ୍ୟାସୀ, ସନ୍ଥ, ଜ୍ଞାନୀ, ମହାପୁରୁଷ, ମହାମନୀଷିମାନେ ହିଁ ଜନ୍ମ ଗ୍ରହଣ କରି ଏ ଭୂମିକୁ ଆହୁରି ପବିତ୍ର କରିଛନ୍ତି। ସେଦିନ ମୁକ୍ତି ସଂଗ୍ରାମୀ ମହାପୁରୁଷ ଯୋଗୀ ଶ୍ରୀ ଅରବିନ୍ଦ ମଧ୍ୟ ସ୍ୱପ୍ନ ଦେଖିଥିଲେ ଯେ ଦିନେ ସମଗ୍ର ବିଶ୍ୱରେ ଭାରତବର୍ଷ ଗୁରୁ ଭାବେ ଉପନୀତ ହେବ। ସେ ସ୍ୱପ୍ନ ମଧ୍ୟ ନିଶ୍ଚିତ ସତ୍ୟ ହେବ ଏଥିରେ ସନ୍ଦେହ ନାହିଁ। ପ୍ରକୃତରେ ଏ ଦେବଭୂମି ସୁଦ୍ଧୁ ସନ୍ନ୍ୟାସୀଙ୍କ ଭୂମି। ଫ୍ରାନ୍ସରେ ବାସ କରୁଥିବା ପରମ ପ୍ରେମମୟୀ ଦିବ୍ୟଜନନୀ ଶ୍ରୀମାଙ୍କୁ ମଧ୍ୟ ଆକର୍ଷିତ କରିଥିଲା ଭାରତବର୍ଷକୁ ନିଜର କର୍ମଭୂମି ରୂପେ ବାଛିବାକୁ।

ସମାଜରେ ଯେତେବେଳେ ବିଶୃଙ୍ଖଳା, ଅସତ୍ୟ, ଅହଂକାର, ଅନ୍ଧକାର, ବିଷର୍ଣ୍ଣତା, ଅସହିଷ୍ଣୁତା ବୃଦ୍ଧିପାଇ ସାଧାରଣ ମଣିଷଟିଏ ଅସହାୟ ହୋଇ ଭାଙ୍ଗିପଡ଼େ, ଜୀବନ ସଂଘର୍ଷରେ ଲଢୁ ଲଢୁ କ୍ଳାନ୍ତ ହୋଇଯାଏ; ଠିକ୍ ସେହି ସମୟରେ ସ୍ୱୟଂ ଈଶ୍ୱର ସମାଜର ଦିଗଦର୍ଶନ କରି ପୁଣି ମନୁଷ୍ୟକୁ ଦେବତ୍ୱ ଦିଗରେ ଅଗ୍ରସର କରନ୍ତି। ମନୁଷ୍ୟ ଓ ଈଶ୍ୱରଙ୍କ ସମ୍ବନ୍ଧରେ ଦିବ୍ୟତା ଆସେ। ମଣିଷ ନିଜର ଚିନ୍ତା ଓ ଚେତନାକୁ ବିକଶିତ କରି ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଏ। ଦିବ୍ୟ ଜନନୀ ଶ୍ରୀମା ଏବଂ ଶ୍ରୀ ଅରବିନ୍ଦଙ୍କର ଦର୍ଶନ ଏବଂ ଯୋଗ ସମନ୍ୱୟ ମନୁଷ୍ୟ ଜୀବନରେ ଈଶ୍ୱରଙ୍କୁ ଉପଲବ୍ଧି କରିବାପାଇଁ ଯେଉଁ ଆଶା ସଂଚାର ହୁଏ, ମଣିଷଟିଏ ସେଥିରେ ସଫଳ ହୋଇ ସେହି ଦିବ୍ୟଶକ୍ତି ମାଧ୍ୟମରେ ଚରମ ଲକ୍ଷ୍ୟରେ ଉପନୀତ ହୋଇପାରିବ।

ମା' କହୁଥିଲେ ସାଧାରଣ ଲୋକମାନେ ସବୁବେଳେ ସେମାନଙ୍କୁ ଏକ ସହଜ, ସୁଖକର ଓ ସଫଳ ଜୀବନ ଦେବାପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥାନ୍ତି। ଯେଉଁଠି ସୁଖ ଓ ସନ୍ତୋଷ ପାଆନ୍ତି ତାହା ଭଗବାନଙ୍କ କରୁଣା ବୋଲିସାଧାରଣ ମଣିଷଟିଏ ଭାବିଥାଏ। କିନ୍ତୁ ବିପରୀତ କ୍ଷେତ୍ରରେ ଯଦି ମନୁଷ୍ୟ ତା' ଜୀବନରେ ଅସନ୍ତୋଷ, ଦୁର୍ଭାଗ୍ୟର ଶିକାର ହୁଏ, ତେବେ ସେହି ମନୁଷ୍ୟ ଅଭିଯୋଗ କରେ ଯେ, 'ଭଗବାନ! ତୁମେ ବୋଧେ ମୋତେ ଭଲପାଅ ନାହିଁ।'

ଏହି ପ୍ରକାର ମନୋଭାବର ଉତ୍ତରରେ ଶ୍ରୀ ଅରବିନ୍ଦ କହିଛନ୍ତି 'ଆଘାତ ଦିଅ, ମୋତେ ଜୋରରେ ଆଘାତ ଦିଅ କିନ୍ତୁ ମୋ' ପ୍ରତି ତୁମର ପ୍ରେମକୁ ତୀବ୍ର ଭାବରେ ଅନୁଭବ କରିବା ଲାଗି ମୋତେ ସୁଯୋଗ ଦିଅ।' କହିବାର ତାତ୍ପର୍ଯ୍ୟ ଆଜିର ମଣିଷ ସୁଖ, ସଫଳ ଜୀବନ ମାଗିବା ସହିତ ଆଘାତ ମଧ୍ୟ ମାଗିବା ଦରକାର। ଜୀବନରେ ଯେତେ ସଂଘର୍ଷ, ଯେତେ କଷ୍ଟ ଯନ୍ତ୍ରଣା ଆସିବ ମଣିଷ ସେତେ ସେତେ କିଛି ଶିକ୍ଷାଲାଭ କରି ଉତ୍ତରୋତ୍ତର ଉନ୍ନତି କରିବ। ମା' ଯାହାକୁ ସ୍ୱପ୍ନରେ ବାରମ୍ବାର ଦେଖୁଥିଲେ, ସେ ଆଉ କେହି ନୁହନ୍ତି; ସେ ହେଉଛନ୍ତି ପରମଯୋଗୀ ଶ୍ରୀଅରବିନ୍ଦ।

ଦିବ୍ୟ ଜନନୀ ଶ୍ରୀମା ଅତିମାନସ ଶକ୍ତିର ଅଧିକାରିଣୀ ହୋଇ ସେହି ଶକ୍ତିଦ୍ୱାରା ସମଗ୍ର ବିଶ୍ୱର ଦୁଃଖୀ ରଙ୍କଙ୍କ ଦୁଃଖ ଅପହରଣ କରୁଥିଲେ। ଆଜି ଯେତେବେଳେ ବଞ୍ଚିବାର ଆଶା ଭରସା ନପାଇ ଅସହାୟ ହୋଇ ଚିରନ୍ତନ ଆଶା ଭରସାର ଜ୍ୟୋତି ହୋଇ ଆମଭିତରେ ଗୋଟିଏ ସୁଚିନ୍ତିତ ଆଶାକୁ ସଫଳ କରି ଆମ୍ଭକୁ ନୂତନ ଚେତନା ଦିଏ, ସେ ହେଉଛନ୍ତି ଜଗନ୍ମାତା, ଅସାଧାରଣ, ଅଭୁତପୂର୍ବ ଦିବ୍ୟଜନନୀ ଶ୍ରୀମା। ଆଜିକୁ ପ୍ରାୟ ୧୪୧ ବର୍ଷ ପୂର୍ବେ ଫ୍ରାନ୍ସର ପ୍ୟାରିସ ସହରରେ ୧୮୭୮ ମସିହା ଫେବୃଆରୀ ୨୧ ତାରିଖରେ ଶ୍ରୀମା ଜନ୍ମ ଗ୍ରହଣ କରିଥିଲେ। ମାତା ମାଟିଲଡ଼ା ଅଲଫସା ଓ ପିତା ମୋରିସଙ୍କର ସେ ଥିଲେ ଜଣେ ସୁଯୋଗ୍ୟା କନ୍ୟା ସନ୍ତାନ। ଭାରତୀୟ ପରମ୍ପରା ଅନୁଯାୟୀ ତାଙ୍କର ନାମ ରଖାଯାଇଥିଲା ମୀରା ଆଲଫାସା। ଯଦିଓ ମା'ଙ୍କ ପିତା ଜଣେ ଧନୀ ବ୍ୟାଙ୍କ୍ ମାଲିକ କିନ୍ତୁ ସମସ୍ତ ଧନ, କ୍ଷମତା, ଐଶ୍ୱର୍ଯ୍ୟ ଓ ପ୍ରତିଭାର ପ୍ରଲୋଭନ ତାଙ୍କୁ ତାଙ୍କ ଲକ୍ଷ୍ୟପଥରୁ ଦୂରେଇ ଦେଇ ପାରିନଥିଲା। ପିଲାଦିନୁ ମା ଗମ୍ଭୀର ସ୍ୱଭାବର ଥିଲେ। କେବଳ ମାନବ ସମାଜପାଇଁ ନୁହେଁ, ଏଥି ସହିତ ପଶୁ ପକ୍ଷୀ, ବୃକ୍ଷଲତା, ପରିବେଶ ପ୍ରତି ମା' ବହୁତ ସହାନୁଭୂତିଶୀଳ ଥିଲେ। ମାତ୍ର ୧୩ ବର୍ଷ ବୟସରେ ତାଙ୍କ ଭିତରେ ସେ ଆଧ୍ୟାତ୍ମିକ ଅନୁଭୂତିମାନ ଅନୁଭବ କରିଥିଲେ। ଭଗବାନ ସହିତ ଭକ୍ତର ଯେ ମିଳନ ସମ୍ଭବ ଏହା ସେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଥିଲେ। ମା' କହୁଥିଲେ ମଣିଷ ଯଦି ନିଜର ଚେତନା ଏବଂ କର୍ମରେ ଭଗବାନଙ୍କ ଉପସ୍ଥିତି ଉପଲବ୍ଧି କରିବ ତେବେ ସେ ସକଳ ମୋହ ମାୟାରୁ ଦୂରେଇ ଯାଇ ଦିବ୍ୟ ଜୀବନ ଲାଭ କରିପାରିବ। ବିଦେଶିନୀ ହୋଇ ମଧ୍ୟ ଯଦି କିଏ ଭାରତ ବର୍ଷକୁ ଅଧିକ ଭଲ ପାଇଥିଲେ ସେ ହେଉଛନ୍ତି ଦିବ୍ୟଜନନୀ ଶ୍ରୀମା। ୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖରେ ମା' ପ୍ରଥମେ ପଣ୍ଡିଚେରୀକୁ ଆସି ଶ୍ରୀ ଅରବିନ୍ଦଙ୍କୁ ସାକ୍ଷାତ କରି ସାଧନା ଆରମ୍ଭ କରିଥିଲେ। ୧୯୨୬ ମସିହା ନଭେମ୍ବର ୨୪ ତାରିଖରେ ମା' ସିଦ୍ଧିଲାଭ କରିଥିଲେ ଏବଂ ଜଗତ ସମ୍ମୁଖରେ ପାଲଟି ଯାଇଥିଲେ ଜଗତର ମା' - ଦିବ୍ୟ ଜନନୀ ଶ୍ରୀମା। ମା' ଗଢ଼ିଥିଲେ ଶ୍ରୀଅରବିନ୍ଦ ଆଶ୍ରମ ଯେଉଁ ଆଶ୍ରମ କି ୧୯୫୨ ମସିହାରେ ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ନାମରେ ଗୋଟିଏ ବିରାଟ ବିଶ୍ୱବିଦ୍ୟାଳୟ ରୂପନେଲା। ଏହି ଶିକ୍ଷାକେନ୍ଦ୍ରର ମୂଳଲକ୍ଷ୍ୟ ଥିଲା ଶରୀର, ମନ ଓ ଆତ୍ମାର ସର୍ବାଙ୍ଗୀନ ବିକାଶପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷା ପରିବର୍ତ୍ତନ ଏବଂ ସର୍ବପରି ଶିକ୍ଷା ଏବଂ ଆଧ୍ୟାତ୍ମିକତା ଭିତରେ ଗୋଟିଏ ସମନ୍ୱୟ ପ୍ରତିଷ୍ଠା କରିବା। ମା'ଙ୍କର ସ୍ୱପ୍ନ ଏବଂ ସାଫଲ୍ୟର ଏକ ଜ୍ୱଳନ୍ତ ନିଦର୍ଶନ ହେଲା 'ଅରୋଭିଲ' ଯାହା ପୃଥିବୀର ୧୨୬ଟି ଦେଶର ମୃତ୍ତିକା ଅଣାଯାଇ ନିର୍ମାଣ କରାଯାଇଥିଲା। ମା' ସ୍ପଷ୍ଟ କରିଦେଇଥିଲେ ଯେ ଅରୋଭିଲ କାହାର ବ୍ୟକ୍ତିଗତ ସଂପତ୍ତି ନୁହେଁ। ଏହା ହେଉଛି ସମଗ୍ର ମାନବ ସମାଜର ଏକ ଆତ୍ମନିର୍ଭରଶୀଳ ନଗରୀ। ମା'ଙ୍କର ବ୍ୟକ୍ତିତ୍ୱ ଥିଲା ଅତି ଆକର୍ଷଣୀୟ ଏବଂ ଚମତ୍କାର। ମା' ଥିଲେ ଅଲୌକିକ ଶକ୍ତିସମ୍ପନ୍ନା। ତାଙ୍କର ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ହିଁ ସେ ଅତିମାନସ ଶକ୍ତିର ଅଧିକାରିଣୀ ହୋଇଥିଲେ। ମା'ଙ୍କର ବିଘ୍ନବିନାସିନୀ ଶକ୍ତି ଅତୀବ ଚମତ୍କାର। ସେହି ଶକ୍ତିଗୁଡ଼ିକୁ ମା' ମାନବ ସମାଜର କଲ୍ୟାଣ ପାଇଁ ବିନିଯୋଗ କରିଥିଲେ। ମା' ବିଶ୍ୱାସର ଥିଲେ ପାହାଡ଼ ସଦୃଶ। ସେ ଲୋକମାନଙ୍କ ମଧ୍ୟରେ ଆଶାର ସଂଚାର କରି କହୁଥିଲେ- ଏପରି କୌଣସି ଅନ୍ଧକାର ରାତ୍ରୀ ନାହିଁ ଯାହା କେବେ ହେଲେ ପାହିବନାହିଁ। ବରଂ ଅନ୍ଧକାର ଯେତେ ଗାଢ଼ ହେବ ଏହାପରେ ଆଲୋକମୟୀ ଉଷାର ନିଶ୍ଚୟ ଆଗମନ ହେବ। କେବେ ବି ହତାଶାର ଭାବ ଆଣିବ ନାହିଁ। ସେହିଠି ହିଁ ଭଗବତ୍ ପ୍ରେମଧାରା ଆଶୀର୍ବାଦ ତୁମପାଇଁ ଓହ୍ଲାଇ ଆସିବ। ମା'ଙ୍କର ସ୍ମିତହାସ୍ୟର ଅର୍ଥ ହେଲା ସନ୍ତାନକୁ କୋଳକୁ ଟାଣି ଆଣିବାର ହାସ୍ୟ। ଜଗତବାସୀଙ୍କ ପାଇଁ ମା'ଙ୍କ ବାର୍ତ୍ତା ଥିଲା ଯିଏ କୌଣସି ଦାବି ନ ରଖି ଭଗବାନଙ୍କ ନିକଟରେ ନିଜର ସବୁକିଛି ସମର୍ପଣ କରିବ ସେହିଁ ଭଗବତ୍ କୃପାର ଅଧିକାରୀ ହେବ।

୧୯୭୩ ମସିହା ନଭେମ୍ବର ମାସ ୧୭ ତାରିଖ ସନ୍ଧ୍ୟା ୭.୨୫ ମିନିଟ୍‌ରେ ମା' ତାଙ୍କର ପାର୍ଥିବ ଶରୀର ତ୍ୟାଗ କଲେ ସତ ମାତ୍ର ତାଙ୍କର ଅତି ମାନସ ଶକ୍ତି, ଶ୍ରଦ୍ଧା, ସ୍ନେହ, କୃପା ସବୁଦିନ ପାଇଁ ଏ ଜଗତରେ ତିଷ୍ଠି ରହିବ। ଯଦି ଆମେ ନିଃସ୍ୱାର୍ଥପର ହୋଇ ଜଗତର କଲ୍ୟାଣ ପାଇଁ କଥାରେ, କର୍ମରେ, ସଂକଳ୍ପରେ, ଚେତନାରେ ଭାବନାରେ ଚିନ୍ତନରେ ବିଶ୍ୱାସରେ ସତ୍ୟର ଆଲୋକର ସନ୍ଧାନ କରିବା ତେବେ ତାହାହିଁ ହେବ ମା'ଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି। ନମ୍ରତା, ସରଳତା, ଅକପଟ ହିଁ ମଣିଷର ଶ୍ରେଷ୍ଠ ରକ୍ଷା କବଚ ଏହା ମା' ସବୁବେଳେ କହି ଆସୁଥିଲେ। ବିଶ୍ୱାସ ଓ ଭରସା ସହ ଯଦି ଆମେ ମା'ଙ୍କ ସାହାଯ୍ୟ ପ୍ରତି ନିଜକୁ ଖୋଲି ଧରିବା ଏବଂ ଯେତେ ବିପଦ ଆସୁ ଭିତରେ ଶାନ୍ତ ରହି ନିଜ ଭିତରେ ମା'ଙ୍କର ଅତିମାନସ ଶକ୍ତିକୁ ଆବାହନ କରିବା ହିଁ ଦିବ୍ୟ ଜୀବନକୁ ପ୍ରାପ୍ତ ହେବା।

# ସବୁଜ ସନ୍ଦେଶ : ଫୁଲତୋଡ଼ାରୁ ଚାରା ଉପହାର



ଅରୁଣ କୁମାର ତ୍ରିପାଠୀ
ପାରାବେଡ଼ା, ଜୟପୁର
୯୦୭୮୮୩୮୬୨୭

ନୂଆ ବର୍ଷର ଆରମ୍ଭ ସାଧାରଣତଃ ବିଭିନ୍ନ ଆନୁଷ୍ଠାନିକ ଓ ପାରମ୍ପରିକ ଶୁଭେଚ୍ଛା ବିନିମୟ ସହ ହୋଇଥାଏ। ସମ୍ପ୍ରତି ଗୋଟିଏ ଛବି ଦେଖିବାକୁ ମିଳିଥିଲା, ଯେଉଁଥିରେ ଜଣେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟାଳୟ ଟେବୁଲ୍ ଉପରେ ଅନେକ ପୁଷ୍ପଗୁଚ୍ଛ ସଜାଯାଇଥିଲା ନୂଆ ବର୍ଷର ଶୁଭେଚ୍ଛା ସ୍ୱରୂପ। ପ୍ରଥମ ଦୃଷ୍ଟିରେ ଏହା ଉତ୍ସବମୟ ଓ ସୁନ୍ଦର ଲାଗିପାରେ, କିନ୍ତୁ ଏହି ଛବି ଗଭୀର ଚିନ୍ତାରେ ପକାଇଲା। ଯଦି ଜଣେ କୁଳପତି ଏତେ ପରିମାଣରେ ପୁଷ୍ପଗୁଚ୍ଛ ପାଉଛନ୍ତି, ତେବେ ଜିଲ୍ଲାପାଳ, ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ କେତେ ପୁଷ୍ପଗୁଚ୍ଛ ଯାଉଥିବ, ତାହା ସହଜେ କଳ୍ପନା କରାଯାଇପାରେ। ଅନୁମାନ କଲେ ଦେଖାଯାଏ, ଗୋଟିଏ ବର୍ଷରେ କେବଳ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ହଜାର ହଜାର ପୁଷ୍ପଗୁଚ୍ଛ ପହଞ୍ଚୁଥିବା ସମ୍ଭାବନା ରହିଛି। ଯାହାକୁ ଆମେ ଏକ ସାଧାରଣ ପରମ୍ପରା ଭାବେ ଦେଖୁ, ସେହି ପରମ୍ପରା ଯେତେବେଳେ ପ୍ରଶାସନିକ ଶୃଙ୍ଖଳାରେ ଗୁଣିତ ହୁଏ, ସେତେବେଳେ ତାହା ଗୋଟିଏ ଗୁରୁତର ପଦାର୍ଥିକ ଓ ପରିବେଶୀୟ ସମସ୍ୟାର ରୂପ ନେଇଥାଏ।

ଯଦି ଗଭୀର ଭାବେ ଚିନ୍ତା କରାଯାଏ, ତେବେ ବୁଝାଯାଏ ଯେ ଏହି ପୁଷ୍ପଗୁଚ୍ଛ ଗୁଡ଼ିକ ଜୀବନ୍ତ ଗଛ ନୁହେଁ, ବରଂ କଟାଯାଇଥିବା ଫୁଲ। ଏହାଙ୍କର ଜୀବନ ଉପହାର ଦିଆଯିବା ପୂର୍ବରୁ ହିଁ ଶେଷ ହୋଇଯାଏ। କିଛି ଘଣ୍ଟା କିମ୍ବା ଗୋଟିଏ ଦିନ ପର୍ଯ୍ୟନ୍ତ ସେଗୁଡ଼ିକ ସୁନ୍ଦର ଦେଖାଯାଏ, କିନ୍ତୁ ତା'ପରେ ସେଗୁଡ଼ିକ ଅନିବାର୍ଯ୍ୟ ଭାବେ ବର୍ଜ୍ୟରେ ପରିଣତ ହୁଏ। ସରକାରୀ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ ଓ ଆଧିକାରିକ ଆବାସଗୁଡ଼ିକରେ ଏହି ପୁଷ୍ପଗୁଚ୍ଛ ଗୁଡ଼ିକ ଶେଷରେ ଆବର୍ଜନା ସହ ଅଳିଆଗଦା କିମ୍ବା ଖୋଲା ଜାଗାରେ ଫିଙ୍ଗିଦିଆଯାଏ। ଏପରି ଭାବେ ଯେଉଁ ପ୍ରତୀକ ଶୁଭେଚ୍ଛା ବହନ କରିବାକୁ ଥିଲା, ସେହି ପ୍ରତୀକ ନୀରବ ଭାବେ ପରିବେଶ ପ୍ରଦୂଷଣର କାରଣ ହୋଇଗଲା।

ତଥାପି, ପୁଷ୍ପ ଚାଷ ଓ ବ୍ୟବସାୟକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଦେବା ମଧ୍ୟ ନ୍ୟାୟସଙ୍ଗତ ନୁହେଁ। ଭାରତରେ ଫୁଲ ଚାଷ ଉପରେ ହଜାର ହଜାର ପରିବାର ନିର୍ଭରଶୀଳ। ଚାଷୀ, ନର୍ସରୀ କର୍ମଚାରୀ, ପରିବହନ କର୍ମୀ, ବିକ୍ରେତା ଓ ଛୋଟ ବ୍ୟବସାୟୀମାନେ ଫୁଲ ଉପରେ ନିଜର ଜୀବିକା ନିର୍ବାହ କରନ୍ତି। ବିଶେଷକରି ଉତ୍ସବ, ବିବାହ, ଧାର୍ମିକ ଓ ଆଧିକାରିକ କାର୍ଯ୍ୟକ୍ରମ ସମୟରେ ପୁଷ୍ପର ଚାହିଦା ତାଙ୍କ ପାଇଁ ଆୟର ଏକ ମୁଖ୍ୟ ସ୍ରୋତ। ସେହିପରି, ଏଠାରେ ପ୍ରଶ୍ନ ହେଉଛି ଫୁଲ ବନାମ ଜୀବିକା ନୁହେଁ, ବରଂ ଫୁଲ ବନାମ ସ୍ଥାୟୀତ୍ୱ। ମୂଳ ପ୍ରଶ୍ନ ହେଉଛି ଏହି ଜୀବିକାକୁ କିପରି ପରିବେଶୀୟ ଦାୟିତ୍ୱ ସହ ସମନ୍ୱୟ କରାଯିବ?।

ଏହି ପ୍ରସଙ୍ଗରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ବର୍ଷ ତାଙ୍କୁ ପୁଷ୍ପଗୁଚ୍ଛ ଅବା ଅନ୍ୟାନ୍ୟ ଉପହାର ନଦେବା ପାଇଁ ନିଆଯାଇଥିବା ସିଦ୍ଧାନ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଗୋଟିଏ ପ୍ରତୀକାତ୍ମକ ନିଷ୍ପତ୍ତି ନୁହେଁ, ବରଂ ଏକ ଦୃଢ଼ ପରିବେଶୀୟ ସନ୍ଦେଶ। ଏହା ସୂଚାଏ ଯେ ସମ୍ମାନ ଓ ଶୁଭେଚ୍ଛା ଜଣାଇବା ପାଇଁ ପ୍ଲାଷ୍ଟିକରେ ସଜାଯାଇଥିବା କଟାଫୁଲ ଆବଶ୍ୟକ ନୁହେଁ। ଦୁର୍ଭାଗ୍ୟବଶତଃ, ଏହି ପଦ୍ଧତି ସବୁଠାରେ ଏପର୍ଯ୍ୟନ୍ତ ଅନୁସରଣ ହେଉନାହିଁ। ଆଜି ମଧ୍ୟ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ସରକାରୀ କର୍ମଚାରୀମାନେ ଦିନକୁ ଦିନ ଫୁଲ ଗ୍ରହଣ କରୁଛନ୍ତି, ତାହାର ପରିବେଶୀୟ ମୂଲ୍ୟକୁ ପ୍ରଶ୍ନ କରାଯାଉନାହିଁ। ଜନ୍ମଭୂମୀ ଭାରତ ପୂର୍ବରୁ ହିଁ ଗୁରୁତର ପରିବେଶୀୟ ଚାପ ମଧ୍ୟରେ ରହିଛି। ସରକାରୀ ଆକଳନ ଅନୁଯାୟୀ, ଦେଶର ମୋଟ ଜଙ୍ଗଲ ଆବରଣ ପ୍ରାୟ ୨୧–୨୨ ଶତାଂଶ, ଯେଉଁଠି ପରିବେଶୀୟ ସନ୍ତୁଳନ ପାଇଁ ଆବଶ୍ୟକ ୩୩ ଶତାଂଶ ଠାରୁ କମ୍। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଅପେକ୍ଷାକୃତ ଭଲ ସ୍ଥିତିରେ ଅଛି, କାରଣ ଏଠାରେ ଜଙ୍ଗଲ ଓ ଗଛ ଆବରଣ ପ୍ରାୟ ୩୩ ଶତାଂଶ। ଏହା ରାଜ୍ୟକୁ ଘୂର୍ଣ୍ଣିଝଡ଼, ଜଳବାୟୁ ପରିବର୍ତ୍ତନ ଓ ଜୈବବିବିଧତା ସୁରକ୍ଷାରେ ସାହାଯ୍ୟ କରିଛି। ତଥାପି, ଖଣିଜ ଖନନ, ସହରୀକରଣ ଓ ଆଧାରିକ ସଂରଚନା ଉନ୍ନୟନ ଯୋଗୁଁ ଓଡ଼ିଶା ମଧ୍ୟ ଜଙ୍ଗଲ କ୍ଷୟରୁ ମୁକ୍ତ ନୁହେଁ। ଏପରି ପରିସ୍ଥିତିରେ ପ୍ରତ୍ୟେକ ଛୋଟ ପରିବେଶୀୟ ସିଦ୍ଧାନ୍ତର ମୂଲ୍ୟ ଅଛି।

ପ୍ରତି ବର୍ଷ ହଜାର ହଜାର ପୁଷ୍ପଗୁଚ୍ଛ ବ୍ୟବହୃତ ହେବାର ପରିବେଶୀୟ ମୂଲ୍ୟ ଦୃଶ୍ୟମାନ ନୁହେଁ, କିନ୍ତୁ ସେହି ମୂଲ୍ୟ ସତ୍ୟ। ଫୁଲ ଚାଷ ପାଇଁ ଜମି, ପାଣି, ସାର, କୀଟନାଶକ, ପରିବହନ, ଶୀତଳୀକରଣ ଓ ପ୍ୟାକେଜିଂ ଆବଶ୍ୟକ। ଅନେକ ପୁଷ୍ପଗୁଚ୍ଛ ପ୍ଲାଷ୍ଟିକ ମଲାଟ ଓ ଅବିନାଶୀ ସାମଗ୍ରୀରେ ସଜାଯାଇଥାଏ। ବ୍ୟବହାର ପରେ ସେଗୁଡ଼ିକ ଘନ ଆବର୍ଜନାର ଭାର ବଢ଼ାଏ। ଯଦି ଫୁଲ ଆବର୍ଜନାର ଉପଯୁକ୍ତ ପରିଚାଳନା ନହୁଏ, ତେବେ ସେଠାରୁ ମିଥେନ୍ ବାଷ୍ପ ନିଷ୍କାସନ ହୁଏ, ଯାହା ଗୋଟିଏ ଶକ୍ତିଶାଳୀ ସବୁଜଗୃହ ବାଷ୍ପ। ଏହାର ଏକ ସରଳ ଓ ଅର୍ଥପୂର୍ଣ୍ଣ ବିକଳ୍ପ ଅଛି । ପୁଷ୍ପଗୁଚ୍ଛ ପରିବର୍ତ୍ତେ ପାତ୍ରରେ ଲଗା ଚାରାବୃକ୍ଷ ଉପହାର ଦେଇପାରିବା ଯାହା ଜୀବନ, ଅବିରତତା ଓ ଦାୟିତ୍ୱର ପ୍ରତୀକ। ପୁଷ୍ପଗୁଚ୍ଛ ଯେଉଁଠାରେ ନୀରବ ଭାବେ ମରିଯାଏ, ଚାରାବୃକ୍ଷ ସେଠାରେ ବଢ଼େ, ଅମ୍ଳଜାନ ଦିଏ, ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ପ୍ରକୃତିକୁ ସମୃଦ୍ଧ କରେ। ଚାରାବୃକ୍ଷ ଉପହାର ଦେବା ମାନେ ଭବିଷ୍ୟତ ପାଇଁ ଏକ ନୈତିକ ସନ୍ଦେଶ ଦେବା।

ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ଏହି ପରିବର୍ତ୍ତନ ଜୀବିକାକୁ କ୍ଷତି କରିବ ନାହିଁ। ନର୍ସରୀ ବ୍ୟବସାୟୀ ମାନେ କଟାଫୁଲ ବ୍ୟବସାୟକୁ ଛାଡ଼ି ଠାରୁ ଚାରା ଉତ୍ପାଦନକୁ ଗୁରୁତ୍ୱ ଦେଇପାରିବେ । ସହରୀ ବାଗିଚା, ଖାଲିସ୍ଥାନ ମାନଙ୍କରେ ଚାରା ରୋପଣ ମାଧ୍ୟମରେ ନୂଆ ରୋଜଗାର ସୃଷ୍ଟି ହୋଇପାରେ। ଏହି ସବୁଜ ଅର୍ଥନୀତି ସ୍ୱୟଂସହାୟକ ଗୋଷ୍ଠୀ ଓ ଯୁବପିଢ଼ି ପାଇଁ ନୂଆ ସୁଯୋଗ ଖୋଲିପାରେ। ଓଡ଼ିଶା ପୂର୍ବରୁ ହିଁ ଚାରା ରୋପଣ ଓ ପରିବେଶ ସୁରକ୍ଷାରେ ଏକ ଉଦାହରଣ ସ୍ଥାପନ କରିଛି। ଯଦି ସରକାରୀ ସ୍ତରରେ ଏହା ନିଷ୍ପତ୍ତି ହୁଏ ଯେ ଆଧିକାରିକ ଶୁଭେଚ୍ଛା କେବଳ ଚାରାବୃକ୍ଷ ମାଧ୍ୟମରେ ହେବ, ତେବେ ଓଡ଼ିଶା ସମଗ୍ର ଦେଶ ପାଇଁ ଗୋଟିଏ ଆଦର୍ଶ ହୋଇପାରିବ। ସାମାଜିକ ପରିବର୍ତ୍ତନ ସଦା ଛୋଟ ପ୍ରତୀକାତ୍ମକ ପଦକ୍ଷେପରୁ ଆରମ୍ଭ ହୁଏ। ପ୍ଲାଷ୍ଟିକ ବ୍ୟାଗ୍ ପରିବର୍ତ୍ତେ କପଡ଼ା ବ୍ୟାଗ୍ ଯେପରି ସ୍ୱୀକୃତି ପାଇଲା, ସେହିପରି ଆଧିକାରିକ ପରମ୍ପରା ମଧ୍ୟ ବଦଳିପାରେ। ଏହାଦ୍ୱାରା ସମ୍ମାନ କମିନଥାଏ, ବରଂ ତାହା ଅଧିକ ଗଭୀର ହୁଏ। ଶେଷରେ, ପ୍ରଶ୍ନ ଏହା ନୁହେଁ ଯେ ଫୁଲ ସୁନ୍ଦର କି ନୁହେଁ ନିଶ୍ଚୟ ସୁନ୍ଦର। ପ୍ରଶ୍ନ ହେଉଛି, ସେହି ସୌନ୍ଦର୍ଯ୍ୟ କି ପରିବେଶ ଧ୍ୱଂସର ମୂଲ୍ୟରେ ହେବା ଉଚିତ ? ଜଳବାୟୁ ସଙ୍କଟର ଏହି ସମୟରେ ଆମ ପ୍ରତ୍ୟେକ ପରମ୍ପରାକୁ ସ୍ଥାୟୀତ୍ୱର ଆଲୋକରେ ପୁନଃବିଚାର କରିବା ଆବଶ୍ୟକ। ପୁଷ୍ପଗୁଚ୍ଛ ପରିବର୍ତ୍ତେ ଚାରାବୃକ୍ଷ ଉପହାର ଦେବା ମାନେ ସଂସ୍କୃତିକୁ ତ୍ୟାଗ କରିବା ନୁହେଁ ବରଂ ତାହାକୁ ସୁସଂସ୍କୃତ କରିବା। ଆସନ୍ତୁ, ଆମ ସାର୍ବଜନିକ ଜୀବନରେ ପ୍ରଶାସନିକ ଶକ୍ତି ସହ ପରିବେଶୀୟ ପ୍ରଜ୍ଞାକୁ ମଧ୍ୟ ସ୍ଥାନ ଦେବା। ଆମେ କେତେ ଫୁଲ ଉପହାର ଦେଲୁ ତାହା ନୁହେଁ, ବରଂ କେତେ ବୃକ୍ଷ ଲଗାଇଲୁ ତାହାଦ୍ୱାରା ଭବିଷ୍ୟତ ପିଢି ଆମ୍ଭଙ୍କୁ ତଉଲିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ମିଛ

**ଡ. ଦୀପକ କୁମାର ମିଶ୍ର**

ହଠାତ୍ ଏକ ଅନାବଶ୍ୟକ ଅଣୁଗଳ୍ପର କମ୍ପିତ କଣ୍ଠ
ଜଡ଼ ପାଲଟିଗଲା ପରେ
ଶବ୍ଦତକ ଆବୋରିନିଏ ହଳେ କଥାକୁହା ଆଖି
ସ୍ଥବିର ଦେହରେ ଜଳିଉଠେ ଅକସ୍ମାତ୍
ରକ୍ତ, ମଜ୍ଜା, ଅସ୍ଥି
ନାଲି ନେଲ୍‌ପଲିସ୍ ମଖା ନଖରେ
ଖୋଳାଯାଏ ମାଟିରେ ପ୍ରେମର ଭିନ୍ନ ଏକ ପ୍ରତ୍ନତତ୍ତ୍ୱ
ଏପରିକି ଘଟିଯାଏ
ଉଚ୍ଚ ଗତିସମ୍ପର୍ଣ୍ଣ ଖର ନିଶ୍ୱାସର
ଅବିଶ୍ୱସନୀୟ ଅଦିନିଆ ଝଡ଼.....
ଅବଶ୍ୟ ବହୁ ତନଖି, ତଦନ୍ତ ପରେ ଲାଗେ
ଏସବୁ ବାସ୍ତବରେ ମିଛ ଥିଲା।

ଏପରିକି ମିଛ ଥିଲା ତୁମ ସହ ଭିଜିଥିବା ବର୍ଷା
କାକଳିତ ସଞ୍ଚର ବିଧୁରିତ ଝଞ୍ଜା
ଖଣ୍ଡେ ବାଟ ତୁମ ସହ ଚାଲି
ଜାଣିଶୁଣି ଭୁଲିଥିବା ଅତିଚିହ୍ନା ଠିକଣାର ନକ୍ସା ।

ସତରେ ମିଛବୋଲା ମୁହୂର୍ତ୍ତମାନେ ଖୁବ୍ ସଶକ୍ତ
କବଳିତ କରିବାକୁ ଅପରାଜେୟ ହୃଦୟର ଦୁର୍ଗ
ବିଷ ଓ ବିଶ୍ୱାସ ଫେଣ୍ଟି
ବାଜିମାତ୍ କରିବାକୁ ମହନୀୟ ମନ ଓ ମଣିଷ ।

ମିଛ ଥିଲା ମଧ୍ୟ ଆସ୍ଥା, ଆଶ୍ୱାସନା, ଆଲିଙ୍ଗନ,
ସତର ଭୁଜପତ୍ରରେ ଲେଖାଥିବା
ତୁମ ହାତଲେଖା ପ୍ରେମର ଗୋଲାପି ଅକ୍ଷର
ଧୂଆଁର ନିଅଁ ଉପରେ ଗଢ଼ାହୋଇଥିବା
କାଳ୍ପନିକ ଏକ କୁହୁଡ଼ିର ଘର ।

ଜଣା ନଥିଲା ଯେ ମଧୁର ମିଛର ଥାଏ ଛୁରୀ ପରି ଧାର
ବିନା ରକ୍ତପାତରେ ବି ଅନାୟସେ ରଚିପାରେ
ଘୋର, ଘୋର ସର୍ବନାଶ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*

## ଅସ୍ତଗାମୀ ସୂର୍ଯ୍ୟ



ସ୍ନିଗ୍ଧା ସାହୁ



ଆଜି ମଧ୍ୟ ବସୁନ୍ଧରା ସ୍ୱାମୀଙ୍କୁ ଆକଟ କରି କହୁଥିଲେ, 'ଯେତେ କହିଲେ କେଉଁ ଶୁଣୁଚ ମୋ କଥା। ପୁଅ ବୋହୂ ଦିନ ସାରା ଖଟି ଖଟି ଆସୁଛନ୍ତି, ନାତି ନାତୁଣୀ ଡେରି ରାତି ଯାଏଁ ଅଫିସ କାମ କରି ଶୋଇଛନ୍ତି, ତୁମେ ଏମିତି ଭୋର୍‌ରୁ ଉଠି ଧଡ୍ ଧାଡ୍ କରନି। ରେଡିଓ ସାଉଣ୍ଡ ଟିକେ କମାଅ। ଧିରେ ଟିକେ କଥା ହେଲେ ହୁଅନ୍ତାନି। ଥିର୍ ହେଇ ବସ ଗୋଟେ ଜାଗାରେ। ସେଇ ଗୋଟାଏ କଥାକୁ କେତେଥର କହିଲଣି ମୋ ଆଗରେ, ରାତି ପାହୁ ଯୁଆଡେ ଯିବ। ଧନ୍ୟ ତୁମର ସେ ମର୍ଣ୍ଣିଂ ୱାକ୍। ଟିକେ ଡେରିରେ ଗଲେ କଣ ପାଗ ବିଗିଡି ଯିବ ? ନିଜେ ଶୀଘ୍ର ଶୋଉଛ ବୋଲି ଶୀଘ୍ର ଉଠି ପଡୁଛ।'

ଅଭିରାମ ଏସବୁ ଶୁଣି ଚିଡିଉଠି କୁହନ୍ତି, 'ରାତି ପାହିବା ପାହିବା ହେଲାଣି ପରା। ଆଉ ମଣିଷ କେତେ ଶୋଇବ ? ସୁରୂଜ ଦେବତା କ'ଣ ମୋତେ ଅପେକ୍ଷା କରିବେ। ଉଦିତ ଅରୁଣଙ୍କ ଦର୍ଶନରେ କୋଟି ପୁଣ୍ୟ ତା' ସହିତ ଦେହ ଓ ମନ ପାଇଁ ହିତକର ବୋଲି ତୁମେ କ'ଣ ଜାଣିନ ବସୁନ୍ଧରା ? ଏ ସହରୀ ଚଳଣି ମୋତେ ପୋଷେଇବନି। କି କାମ ଏମିତି କରୁଛନ୍ତି ଯେ ସାତୁଟା ଯାଏଁ ଶୋଇବେ। ପିଲାଦିନେ କେତେ ଶିଖେଇଥିଲି କାକ ସ୍ନାନ ବକ ଧ୍ୟାନ ଶ୍ୱାନ ନିଦ୍ରା ତଥେଇବଚ। ଅଳ୍ପାହାରୀ ଗୃହ ତ୍ୟାଗୀ ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣମ୍। ମୋ ହାତରୁ ଯେମିତି ଖସିଲେ ସବୁ ପାଠ ପୋଡ଼ି ଖାଇଦେଲେ । ନିଜେ ତ' ଭୁଲିଲେ ଆଉ ନିଜ ଛୁଆଙ୍କୁ ମଧ୍ୟ ଶିଖେଇ ପାରିଲେନି। ତୁମେ ତାଙ୍କୁ ବେଶୀ ମୁହଁ ଦେଉଛ। ତୁମ ଅନୁସାରେ ମୁଁ ଏମିତି ଫୁସୁ ଫୁସୁ ହେଇ କଥା ହେଇପାରିବିନି। ସ୍କୁଲ୍ ମାଷ୍ଟର ହିସାବରେ ଅଭିରାମ ମିଶ୍ର ଯେମିତି ରାଜା ପରି ବଞ୍ଚିଥିଲା ଆଜି ଏ ବୁଢ଼ା ବୟସରେ ଠିକ୍ ସେମିତି ବଞ୍ଚିବ।'

ବସୁନ୍ଧରା କ'ଣ ଉତ୍ତର ଫେରେଇବେ କିଛି ବୁଝିପାରୁନଥିଲେ। ତାଙ୍କୁ ଲାଗୁଥିଲା ସେ ରାସ୍ତା କଡରେ ଖେଳ ଦେଖାଉଥିବା ସେ ବାଉଁଶ ରାଣୀ ଝିଅ, ଯେଉଁଠି ପ୍ରତିଟି ମୂହୁର୍ତ୍ତ ବିତେ ସନ୍ତୁଳନରେ । ଭାରସାମ୍ୟ ଟିକେ ବିଗିଡିଗଲେ ଖେଳ ଶେଷ।

ଅଭିରାମ ଓ ବସୁନ୍ଧରା ଗାଁରେ ରୁହନ୍ତି। ମଝିରେ ମଝିରେ ପୁଅ ସମ୍ବିତ ବୋହୂ ଅପର୍ଣ୍ଣା ପାଖକୁ ସହର ଆସିଲେ ଏଇ ଘଟଣା ଦେଖିବାକୁ ମିଳେ।

ରୋକ୍ ଠୋକ୍ କଥା କହୁଥିବା ଅଭିରାମଙ୍କୁ ପିଲାମାନେ ମୁହଁରେ କିଛି କହିପାରନ୍ତିନି କିନ୍ତୁ ସବୁ ଅଭିଯୋଗ ବଡ଼ା ହୁଏ ବସୁନ୍ଧରାଙ୍କ ଥାଳିରେ। ମାଆ ମନ, ଛୁଆଙ୍କ ମନ କଷ୍ଟ ହେବା ଆଗରୁ ନିଜେ ସବୁ ଅଳିଆ ମୁଣ୍ଡେଇ ନେବାକୁ ଅଣ୍ଟା ଭିଡ଼ି ବାହାରିପଡ଼େ।

ପିଲାମାନେ କାମରେ ଯେଝା ବାଟରେ ଗଲାପରେ ଅଭିରାମଙ୍କୁ ଯେମିତି ସ୍ୱାଧୀନତା ଦିବସ ପରି ଲାଗେ। ଖବର କାଗଜ ଖଣ୍ଡେ ଆଣି ସୋଫା ଉପରେ ଗୋଡ ଲମ୍ବେଇ ବସି ପଡନ୍ତି । ଆଞ୍ଚଳିକ ସମ୍ବାଦ ଶୁଣିବା ପାଇଁ ରେଡ଼ିଓ ଭଲ୍ୟୁମ୍ ବଢେଇ ଦିଅନ୍ତି। ବସୁନ୍ଧରା ହସିଦେଇ କହନ୍ତି, ହୁଁ, ଯାହା କରୁଛ ଏବେ କରିଦିଅ। ପିଲାମାନେ ଫେରିଲେ ଥିର ହେଇ ବସିପଡ଼ିବ।

କାଇଁ ଏଇଟା କଣ ଜେଲ୍ ଖାନା ?

ଓହୋ, ତୁମକୁ ମୁଁ ଆଉ ପାରିବିନି।

'ବୁଝିଲ ବସୁ... ମୁଁ ମୋ ଶୈଳୀରେ ବଞ୍ଚିବାକୁ ଭଲପାଏ। ସେଇଥିପାଇଁ ଗାଁ ଛାଡି ଆସିବାକୁ ମୁଁ ଚାହେଁନି। ଦାଣ୍ଡ ବାରଣ୍ଡାରେ ଡାକଟିଏ ମାରିଦେଲେ ରଘୁଆ, ଅନିଆ, ବଇଁଶୀ ଦଉଡ଼ି ଆସିବ। ଭଲ ମନ୍ଦ ଆଲୋଚନା ହେବ। ତା' ଭିତରେ ତୁମ ହାତ ଚା ପିଇ ଆରାମ୍ ଚେଆର୍ ଉପରେ ଟିକେ ଆଉଜି ପଡ଼ିଲେ ମୋତେ ସ୍ୱର୍ଗ ସୁଖ ମିଳିଯାଏ। ମୋ ଗାଁର ନଈ କୂଳିଆ ପବନ ଆଉ କୋଉଠି ପାଇବ କହିଲ ?' ଅଭିରାମ ଆତ୍ମତୃପ୍ତିର ହସଟିଏ ଖେଳେଇ କୁହନ୍ତି।

ବସୁନ୍ଧରା ଜାଣନ୍ତି ସବୁ ଠିକ୍ କହୁଛନ୍ତି ଅଭିରାମ। କିନ୍ତୁ ଚୁପ୍ ରୁହନ୍ତି।

ଏବେ କିନ୍ତୁ ଅଭିରାମ ମିଶ୍ର ଆଉ ବେଶୀ ଯୁକ୍ତି କରୁନାହାନ୍ତି କି ଗାଁ ଘରେ ରହିବା ପାଇଁ ଅଡି ବସୁନାହାନ୍ତି। କିଛି ମାସ ତଳେ ଗାଁରେ ଗାଧୁଆ ଘରେ ପଡିଯିବାରୁ ପୁତୁରା ଝିଆରୀ ତାଙ୍କୁ ତୁରନ୍ତ ପାଖ ଡାକ୍ତରଖାନାକୁ ନେଇଗଲେ । ଡ଼ାକ୍ତର କିନ୍ତୁ ଭୁବନେଶ୍ୱର ବଡ ହସ୍ପିଟାଲ୍‌ରେ ଦେଖେଇବାକୁ କହିଲେ। ସବୁ ଟେଷ୍ଟ ହେଲା ପରେ ହୃଦ୍‌ଘାତର ପ୍ରାକ୍ ସୂଚନା ବୋଲି ଡାକ୍ତରଙ୍କ ଠାରୁ ଶୁଣି ବସୁନ୍ଧରା ନିଜକୁ ବିଶ୍ୱାସ କରିପାରୁନଥିଲେ ଯେ ଚଳଚଞ୍ଚଳ ଲୋକଟେ ହେଇ ଏ ଅବସ୍ଥା।

ସେଇଦିନୁ ସମ୍ବିତ ସିଧା ସିଧା କହିଦେଇଚି, 'ଆଉ ସେ ମାଷ୍ଟ୍ରିଆ ଶୈଳୀରେ ମନ ଇଚ୍ଛା କାମ କରିବା ଛାଡ, ଏଥର ଚୁପ୍ ହେଇ ମୋ ପାଖରେ ରୁହ। ଗାଁ ଘର ତାଲା ପଡ଼ିଲା। ବୟସ କେତେ ହେଲାଣି ଟିକେ ଦେଖ।'

ଗୋଟିଏ ବୋଲି ପୁଅ ସମ୍ବିତ। ସରକାରୀ ଚାକିରି ଖଣ୍ଡେ କରିଛି। ଅପର୍ଣ୍ଣା ପାଖ ସ୍କୁଲରେ ପିଲାଙ୍କୁ ପଢ଼ାଉଛି। ସେପଟେ ଗାଁ ଘର ଆଉ ବାପା ମାଆ। କେତେ ଆଉ ସମ୍ବିତ ଏପଟେ ସେପଟେ ହେଇ ଦୌଡ଼ିବ। ତେଣୁ ସେଇଦିନୁ ଅଭିରାମ ଆଉ ବସୁନ୍ଧରା ସହରରେ ବନ୍ଧା ପଡିଛନ୍ତି ଉଭୟେ।

କଲିଙ୍ଗ ବେଲ୍ କିଏ ବଜେଇଲେ କବାଟ ଖୋଲିବାକୁ ଯେତେବେଳେ ଦଉଡ଼ି ଯାଆନ୍ତି ଅଭିରାମ, ପଛରୁ ଅପର୍ଣ୍ଣା କହେ, 'ବାପା ପଡ଼ିଯିବେ ଆପଣ। ତାପରେ ଆପଣ କ'ଣ କାହାକୁ ଏଠି ଚିହ୍ନିଛନ୍ତି ଯେ ଖୋଲିବେ, ରୁମ୍‌ରେ ବସନ୍ତୁ। ମୁଁ ଦେଖୁଛି କିଏ ଡାକୁଛନ୍ତି।'

ଅଭିରାମ ଥମ୍ ହେଇ ରହିଯାଆନ୍ତି।

ରାତିରେ ବସୁନ୍ଧରାଙ୍କ ପାଖରେ ଓଲଟ ଅଭିଯୋଗ ଆଣନ୍ତି। 'ତୁମ ସମସ୍ତଙ୍କ କଥାରେ ମର୍ଣ୍ଣିଂ ୱାକ୍ ବନ୍ଦ୍ କଲି, ସାଇକେଲ ଟିକେ ଚଲଉଥିଲି କେତେବେଳେ କେମିତି ପଡ଼ିଯିବି ବୋଲି ତାକୁ ବିକି ଦେଲ। କିଏ ଗଲା ଆସିଲା ଦେଖିବାକୁ ବି ମନା। ମୁଁ କ'ଣ ଅଥର୍ବ ? ଏମିତି ଖାଲି ପଡ଼ି ଯାଉଚି।'

ବସୁନ୍ଧରା ସ୍ୱାମୀଙ୍କ ହାତ ଧରି ପାଖରେ ବସେଇ ବୁଝେଇ ଦିଅନ୍ତି, 'କାଇଁ ମନ କଷ୍ଟ କରୁଛ। ତୁମେ ପରା ସବୁବେଳେ କୁହ, ଯେ ଦେଶ ଯାଇ ସେ ଫଳ ଖାଇ। ଆମ ବୟସକୁ ଟିକେ ଚାହଁ। ଏକୁଟିଆ କ'ଣ ଆମେ ଗାଁରେ ରହିବା ସମ୍ଭବ ହେବ ? ଦେଖିଲ ପରା ସେଦିନ ପଡ଼ିଗଲ ଯେ ମୋ ପାଟି ହାଉଳି ଖାଇଗଲା। ଆମର ତ ଏଇ ଗୋଟିଏ ବୋଲି ପୁଅ, ତା' ସଂସାର ତାକୁ ବୁକେଇ ଯାଉଚି, ଝିଅ ଟା ବାହା ବୟସର ହେଲାଣି, କୋଉଠି ଭଲ ବର ଘର ଏଯାଏଁ ମିଳିନି। ପୁଅଟା ତା'ର ଡେରି ରାତିରେ ଘରକୁ ଫେରୁଛି ବୋଲି ବାପଠୁ ଗାଳି ଶୁଣୁଥିଲା। ଅପର୍ଣ୍ଣା ସିଆଡୁ ଖଟି ଖଟି ଆସୁଛି ସବୁ ରାଗ ଅଭିମାନ ତା ସ୍ୱାମୀ ଛୁଆଙ୍କ ଉପରେ ସାରୁଛି। କାଲି ପରା ସମ୍ବିତ କହୁଥିଲା ଏଥର ବି ତା'ର ପ୍ରମୋସନ୍ ହେଲାନି। ଦେଖିଲ କେତେ ଚିନ୍ତା ତାର। ପୁଣି ଆମେ ବୋଝ ଉପରେ ନଳିତା ବିଡା। ଆମେ ହେଲୁ ପାଚିଲା ପତର। କେତେବେଳେ ଝଡି ପଡ଼ିବା। ଯେତିକି ଦିନ ଅଛେ ସବୁ କଥାକୁ ଚଳେଇ ନେବା। ପିଲାଙ୍କ ଉପରେ ବିପଦ ପଡ଼ିବାକୁ ଦେବାନି।'

ଅଭିରାମ ସବୁ ଶୁଣିଲେ ଆଉ ଗୁଣୁ ଗୁଣୁ ହେଉ କହିଲେ, 'ମୁଁ ତାରି ବୟସରେ ଆଠ ପ୍ରାଣୀ କୁଟୁମ୍ବ ଚଳଉଥିଲି।'

ବସୁନ୍ଧରା ଚୁପ୍ ରୁହନ୍ତି।

କିଛି ଦିନ ହେଲାଣି ଅଭିରାମଙ୍କ ସ୍ୱାସ୍ଥ୍ୟ ଆଉ ଭଲ ରହୁନି। ଛାତିରେ କଫ ଜମି ଯାଉଛି। ରାତିସାରା କାଶ। ବସୁନ୍ଧରା ଜଗି ଜଗି ଉଷୁମ ପାଣି, ଔଷଧ ଦେଇ ଚାଲିଛନ୍ତି। ପିଲାମାନେ ହଇରାଣ ନ ହୁଅନ୍ତୁ ବୋଲି ଗୋଡେ ଗୋଡେ ସ୍ୱାମୀଙ୍କୁ ଜଗିଛନ୍ତି। ତଥାପି ଏତେ କାମ ଭିତରେ ସମୟ ବାହାର କରି ସମ୍ବିତ ଦୁଇଥର ନେଇ ଚେକ୍‌ଅପ୍ କରେଇ ଆଣିଲାଣି।

ସେଦିନ ସକାଳୁ ସକାଳୁ ଅପର୍ଣ୍ଣା ସ୍କୁଲରୁ ଅବେଳରେ ହଠାତ୍ ଫେରିଆସିବା ଦେଖି ବସୁନ୍ଧରା ଆଶ୍ଚର୍ଯ୍ୟ ହୋଇଗଲେ।

'ସମ୍ବିତ ଆଜି ବାପାଙ୍କୁ ଡାକ୍ତର ଦେଖେଇବେ ବୋଲି ଛୁଟି ନେଇ ଅଫିସ୍‌ରୁ ଫେରିଲାବେଳେ ଗାଡ଼ିରୁ ପଡ଼ିଯାଇଛନ୍ତି, ମୁଣ୍ଡ ମାଡ ହେଇଛି। ଆଇସିୟୁରେ ସମ୍ବିତ।'

ଥର ଥର ଗଳାରେ ଏତିକି କହି ଅପର୍ଣ୍ଣା ହାତରେ କିଛି ପଇସା ଧରି ବାହାରିଗଲା ହସ୍ପିଟାଲ।

ଦଉଡି ଗଲେ ବସୁନ୍ଧରା ଠାକୁର ଘରକୁ। ଆଉ କିଏ ଅଛି ତାଙ୍କର। ସେଇ କେବଳ ସାହା। କାନି ପତେଇ ଲୋଟିଗଲେ ସେଇଠି। ସ୍ଥାଣୁ ହେଇ ଏ ସବୁ ଦେଖୁଥାନ୍ତି ଅଭିରାମ।

କଥାରେ ଅଛି ଦୁଃଖ ଆସିଲେ ଭାଇ ବନ୍ଧୁ କୁଟୁମ୍ବଙ୍କୁ ନେଇକି ଆସେ।

ସେଦିନ ରାତିରେ ଅଭିରାମଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଗଲା। ହତାଶ ବସୁନ୍ଧରା। ଏପେଟ ସ୍ୱାମୀ ସେପଟେ ପୁଅ। ଆଖିକୁ ଆଉ କିଛି ଦିଶୁନି ବସୁନ୍ଧରାଙ୍କର। କେବଳ ସେଇ ଲୀଳାମୟଙ୍କ ଛଡ଼ା। ହାତ ଟେକିଦେଇ କହିଲେ ବସୁନ୍ଧରା । 'ସାହା ହୁଅ ପ୍ରଭୁ...।' ସେଯାଏଁ ସମ୍ବିତ୍‌ର କାଇଁ କିଛି ଖବର ଆସିଲାନି ବୋଲି କହି ବ୍ୟସ୍ତ ହେଇପଡୁଥିଲେ ଅଭିରାମ।

ବିଛଣା ପାରିଦେଇ ଅଭିରାମଙ୍କୁ ରାତି ଔଷଧ ଦେଇଦେଲେ ବସୁନ୍ଧରା। ମୁଣ୍ଡ ତଳେ ଗୋଟେ ହାତ ଦେଇ ଆର ହାତରେ ତାଙ୍କୁ ଧରି ଧିରେ ଶୁଏଇ ଦେଲା ବେଳକୁ ଅସ୍ପଷ୍ଟ ଭାବରେ ଅଭିରାମ କହିଲେ, 'ବସୁ... କାଇଁ କାନ୍ଦୁଛ !! ଆମ ସମ୍ବିତର କିଛି ହବନି। କହିଥିଲ ପରା ବାପା ମାଆ ଥାଉ ଥାଉ ତା ଉପରେ ବିପଦ ପଡ଼ିବାକୁ ଦେବାନି।'

ପାହାନ୍ତି ପହରେ ସମ୍ବିତଙ୍କର ଚେତା ଆସିଗଲା ବୋଲି ଖବର ନେଇ ହସ୍ପିଟାଲ୍‌ରୁ ଫେରିଲା ଅପର୍ଣ୍ଣା। ଘରେ ପହଞ୍ଚି ଦେଖିଲା, ଏତେ ଡାକିଲା ପରେ ଅଭିରାମ କାହିଁକି ଉଠୁନାହାନ୍ତି କହି ବସୁନ୍ଧରା ନିର୍ବାକ୍ ହେଇ ଚାହିଁଛନ୍ତି।

ସିନ୍ଦୂରା ଫାଟି ଆସୁଥିଲା। ଅପର୍ଣ୍ଣା ଆଉ ବସୁନ୍ଧରା ଜଡ ପାଲଟି ଯାଇଥିଲେ। ଜଣଙ୍କ କପାଳରେ ଉଦିତ ସୂର୍ଯ୍ୟଙ୍କ ପ୍ରତିବିମ୍ବ ଆଉ ଜଣଙ୍କ କପାଳରେ ଅସ୍ତଗାମୀ ସୂର୍ଯ୍ୟ। ଗୋଟେ ପଟେ ଉଜ୍ଜ୍ୱଳ ଆଲୋକ ଆର ପଟେ ଅନ୍ଧାର ଘୋଟି ଆସୁଥିଲା।

*କଟକ*
*ମୋ-୮୨୪୯୩୭୫୧୮୮*

## ରାଧା କୃଷ୍ଣ

**ନୀଳାଦ୍ରୀ ବିହାରୀ**



ନୀଳ ବସ୍ତ୍ର ଧାରୀ -(୦)
ସସ୍ମିତ ହାସ, ବିସ୍ମିତ ରାସ, ନିଶ୍ଚିତ ବାସ
କୁଞ୍ଜେ ସଞ୍ଜେ ବାଜେ
ବିମ୍ବେ ବଂଶୀ ସାଜେ
ରାଧେ ଫୁଙ୍କ ସ୍ମରି -(୧)
ମାଧବ ମହା, ମହାନ ଶାହା, ମାନବ ଦେହା
ଅଳି ରାଧା ବୋଲି
ତୋଳି ତାଜା ମଳି
କେଳି ଖେଳ କରି -(୨)
ଗୋପୀଙ୍କ ସଙ୍ଗେ, ଶ୍ୟାମଳ ରଙ୍ଗେ, ରାଧେୟ ଅଙ୍ଗେ
ସଦା ରାଧା ରାଧା
ନୁହଁ କେବେ ଅଧା
କ୍ଷୀର ନୀର ପରି -(୩)

*କଳାହାଣ୍ଡି*
*ମୋ-୯୧୭୮୫୪୪୮୫୯*

## ପୁସ୍ତକ ପରିକ୍ରମା



### ନୂଆ ତୂଳୀର ମୋହ



ସୁପ୍ରଭା ରାୟ




ପ୍ରକାଶ ପାଇଛି ଅନୁବାଦିକା ସୁପ୍ରଭା ରାୟଙ୍କ ଅନୁବାଦ ଉପନ୍ୟାସ 'ନୂଆ ତୂଳୀର ମୋହ' । ଆଶୁତୋଷ ମୁଖୋପାଧ୍ୟାୟଙ୍କ ରଚିତ ବଙ୍ଗଳା ପୁସ୍ତକରୁ ଏହା ଅନୁବାଦ କରାଯାଇଛି। ସୁପ୍ରଭା ରାୟ ଅନୁବାଦ ଜଗତରେ ଏକ ପରିଚିତ ନାଁ। ୬୦ରୁ ଊର୍ଦ୍ଧ୍ୱ ବଙ୍ଗଳା ପୁସ୍ତକ ଓଡିଆରେ ଅନୁବାଦ କରି ସେ ଉଭୟ ଓଡିଆ ଏବଂ ବଙ୍ଗଳା ଭାଷା ମଧ୍ୟରେ ସମନ୍ୱୟ ରଖିବା ପାଇଁ ଚେଷ୍ଟା କରିଛନ୍ତି। ଯେକୌଣସି ଭାଷାରୁ ଅନୁବାଦ ପଢିବାପାଇଁ ସେତେବେଳେ ଭଲ ଲାଗେ ଯେତେବେଳେ ତାହା ମୌଳିକତା ରକ୍ଷା କରି କରାଯାଇଥାଏ। ସୁପ୍ରଭା ରାୟଙ୍କ ଅନୁବାଦିତ ପୁସ୍ତକରୁ ଏହି ସ୍ୱାଦ ବାରି ହୋଇପଡେ। ସେଥିପାଇଁ ପାଠକ ତାଙ୍କ ଅନୁବାଦକାରୀତାକୁ ପସନ୍ଦ କରିଛନ୍ତି, ଭଲପାଇଛନ୍ତି।

ନୂଆ ତୂଳୀର ମୋହ ଉପନ୍ୟାସର ମୂଳ ଲେଖକ ଆଶୁତୋଷ ମୁଖୋପାଧ୍ୟାୟ ବଙ୍ଗଳା ଭାଷାର ଜଣେ ଆଗଧାଡିର ଲେଖକ। ମଣିଷର ମନସ୍ତତ୍ତ୍ୱକୁ ସେ ଅତି ଗଭୀର ଅନୁଶୀଳନ କରିଥାନ୍ତି। ଫଳତଃ ତାଙ୍କ ଉପନ୍ୟାସରେ ଚରିତ୍ରମାନଙ୍କ ଚିତ୍ରଣ ନିଖୁଣଭାବେ ଉତୁରିଥାଏ। ସେହି ଭାବଧାରାକୁ ଅନୁବାଦିକା ସୁପ୍ରଭା ରାୟ ମଧ୍ୟ ଅନୁରୂପ ଆଙ୍କିପାରିଛନ୍ତି ନିଜ ଅନୁବାଦରେ। ନାରୀଟିଏ ସବୁବେଳେ ନିଜ ପରିଧି ଭିତରେ ରହିଥାଏ। ବିବାହ ପରେ ସ୍ୱାମୀ ଏବଂ ତାଙ୍କ ସଂସାର ତାର ସବୁକିଛି। ମାତ୍ର ସେହି ପରିବାରରେ ଯଦି ସିଏ ନିଶ୍ୱାସ ଟିକିଏ ନେବା ପାଇଁ ଅନ୍ୟର ଅନୁମତି ଆବଶ୍ୟକ କରେ ତେବେ ସେହି ଜିଇଁବା ତା ପାଇଁ ଦୁଃସହ ହୋଇଯାଏ। ସେ ସଦାବେଳେ ମୁକ୍ତିର ବାଟ ଖୋଜୁଥାଏ। ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିବା ଜଣେ ଝିଅପାଇଁ ହଠାତ ଏକ ଉଚ୍ଚ ମଧ୍ୟବିତ୍ତ ପରିବାରରେ ଚଳିବାପାଇଁ କଷ୍ଟ ହୋଇଥାଏ। ସେ ନିଜକୁ ସଂକୁଚିତ ମନେ କରେ ଏବଂ ତାର ଏହି ସଂକୁଚିତ ମନୋବୃତ୍ତି ଉଚ୍ଚ ମଧ୍ୟବିତ୍ତ ପରିବାର ଲୋକଙ୍କପାଇଁ ଚର୍ଚ୍ଚାର ବିଷୟ ପାଲଟିଯାଏ। ଏହି ଉପନ୍ୟାସରେ ନାୟିକା ନାରାୟଣୀ ଏହିସବୁ ପରିସ୍ଥିତିର ସାମନା କରିଛି ମାତ୍ର ହାର ମାନିନି ବରଂ ଏତେ କଠୋର ଆଇନ ଶୃଂଖଳାକୁ ଚ୍ୟାଲେଞ୍ଜ ହିସାବରେ ନେଇ ନିଜ ସନ୍ତାନ ପାଇଁ ଲଢିଛି। ଉପନ୍ୟାସରେ ବହୁ ଅକୁହା ଏବଂ ଅଜଣା କଥାକୁ ସରଳଭାବେ ଚିତ୍ରଣ କରିଛନ୍ତି ଲେଖକ ଯାହାକୁ ସୁନ୍ଦର ଅନୁବାଦରେ ପାଠକଙ୍କ ସାମନାରେ ଉପସ୍ଥାପନା କରିପାରିଛନ୍ତି ଅନୁବାଦିକା ସୁପ୍ରଭା ରାୟ। ବର୍ଷା ପବ୍ଲିକେସନ ଦ୍ୱାରା ପ୍ରକାଶିତ ୨୧୪ ପୃଷ୍ଠାର ଏହି ଉପନ୍ୟାସର ମୂଲ୍ୟ ରହିଛି ମାତ୍ର ୨୦୦ଟଙ୍କା।

## ଶୂନ୍ୟରେ ବି ଆଙ୍କି ହୁଏ ଚିତ୍ର

**ତପନ ସାହୁ**

ପକ୍ଷୀ ଟିଏ ଆକାଶ ପାଲଟିଗଲା ପରେ,
ଡଙ୍ଗା ଟିଏ ନଈ ପାଲଟିଗଲାପରେ,
ରାତି ଟିଏ ଅନ୍ଧାର ପାଲଟିଗଲାପରେ,
ଶୂନ୍ୟରେ ବି ଆଙ୍କି ହୁଏ ଚିତ୍ର।

ମୋ ମନର ଖିଆଲି ଭାବନାରେ ମୁଁ ତୂଳୀ ଧରି,
ରୂପ ଗଢେ ଶୂନ୍ୟରେ... ଶୂନ୍ୟରେ।

ତୁମ ଓଠର ଲିପିଷ୍ଟିକ୍ ରଙ୍ଗ,
ତୁମ ପାଦର ଅଳତା,
ତୁମ କପାଳର ବିନ୍ଦି,
ତୁମ ଆଖିର କଜଳ,
ତୁମ ଲାଲ ହୃଦୟର ରଙ୍ଗକୁ ଫେଣ୍ଟି ଦେଲା ପରେ,
ମୁଁ ଆଙ୍କି ପାରେ ଶୂନ୍ୟରେ ବି ଚିତ୍ର।

ତୁମ ଲମ୍ବା ବେଣୀ ଅଙ୍କୁ ଆଙ୍କୁ,
ମୁଁ ଲମ୍ବି ଯାଉ ଥାଏ ଶୂନ୍ୟରୁ ମହାଶୂନ୍ୟ ଯାଏଁ।
ତୁମ ସରୁ ଓଠ ଆଙ୍କୁ ଆଙ୍କୁ,
ସୁରସୁରେଇ ଯାଏ ଦେହ,
ମୁଁ ପାଲଟୁଥାଏ,
ପୃଥିବୀର ଶ୍ରେଷ୍ଠତମ ଚିତ୍ରକର।

ତୁମ ଆଖି ଯୋଡେ ପକ୍ଷୀ,
ମୋତେ ନେଇଯାଆନ୍ତି ଦୂରକୁ... ଦୂରକୁ ବହୁତ ଦୂରକୁ,
ଯେଉଁଠି ପ୍ରେମିକଟିଏ ହାତ ଟେକି ଶୂନ୍ୟକୁ ଛିଡ଼ା ହୋଇଥାଏ,
ଲାଗୁଥାଏ ଯେମିତି ସେ କିଛି ମାଗୁଛି ଈଶ୍ୱରଙ୍କୁ।

ତୁମ ଆଖି ଆଙ୍କୁ ଆଙ୍କୁ,
ମୋର ଫିଟି ଯାଏ ଦିବ୍ୟ ଦୃଷ୍ଟି।
ତୁମ ହାତ ମୋତେ ହାତ ଠାରି ଡାକେ,
କୋଉ ଏକ ଅଜଣା ଜାଗାକୁ,
ଯୋଉଠି ମିଳନର ଶେଷ ପ୍ରହର ଶେଷ ହେବା ପରେ,
ଫେରିବାକୁ ଇଚ୍ଛା ନଥିଲେବି।

ମୋତେ ଟାଣି ନେଇ ଆସେ ହାତ,
ମୁଁ ସେ ହାତକୁ ଧରି ଅନ୍ୟ ଏକ ହାତ ଆଙ୍କେ,
ଏବେ ସେ ହାତରେ ମୁଁ,
ଭାଗ୍ୟ ରେଖା ହୋଇ ଲମ୍ବି ଯାଉଥାଏ ବେଳୁ ବେଳ।

ତୁମ ପାଦ ପଦ୍ମ ପାଖୁଡ଼ା ସମାନ,
ଯେଉଁଠି ମୁଁ ଚକାମାଡ଼ି ବସେ ସମାଧି ପାଲଟିବା ଯାଏଁ।
ତୁମ ପାଦ ଚିହ୍ନ ଲମ୍ବିଯାଉଥାଏ ସ୍ୱର୍ଗ ଆଡ଼କୁ,
ମୁଁ ପଛେ ପଛେ ଚାଲିଥାଏ ଶୂନ୍ୟ ରାସ୍ତା ଦେଇ।

ଅହୋଭାଗ୍ୟ ମୋର,
ନଚେତ୍ ରଙ୍ଗକୁ ଅଳତା କରି
ତୁମ ପାଦରେ ଲଗେଇବା ଏତେ ସହଜ ନୁହେଁ।

ତୁମ ରୂପ ଅଙ୍କା ସରୁନି ଏ ଯାଏଁ...
ଫୁଲ ଟିଏ ବଗିଚା ପାଲଟିଗଲା ପରେ,
ରାସ୍ତା ଟିଏ ଠିକଣା ପାଲଟିଗଲା ପରେ,
ଶବ୍ଦଟିଏ କବିତା ପାଲଟିଗଲାପରେ,
ଶୂନ୍ୟରେ ବି ଆଙ୍କି ହୁଏ ଚିତ୍ର।

*ବେଲଗାଁ, ଏମ୍. ରାମପୁର, କଳାହାଣ୍ଡି*
*ମୋ-୯୦୧୯୩୧୧୮୬୮*

## ଫୁର୍ କିନା ଉଡ଼ିଗଲା ବଣି

**ସୁଜିତ କୁମାର ମିଶ୍ର**





ଫୁର୍ କିନା ଉଡିଗଲା ବଣି
ଅନନ୍ତ ଦୂରକୁ
ଅଫେରା ରାଇଜକୁ
ଲୁହର ଶ୍ରାବଣ ଦେଇ
ମୁଠା ମୁଠା ପ୍ରେମ ଓ ସ୍ମୃତିର ଫଗୁଣ ବୁଣି ।

କୋଇଲି ସିନା ଦେଖାଦିଏ
ଫଗୁଣ ବିରାଜିଲେ ଧରାଧାମରେ
ତୁମେ ତ ସଙ୍ଗୀତର ଲଳିତ ଝଙ୍କାର
ଚିରକାଳ ଗୀତି ମୁଖରା
ନବରସର ମିଠା ପ୍ରକାଶରେ ।

ତୁମେ ତ ବିଭୋର ବସନ୍ତର
ଆକର୍ଷଣୀୟ କୁହୁତାନ
ଯେଉଁଠି ସ୍ୱର
ସେଇଠି ତୁମେ ସ୍ୱତଃ ଉଚ୍ଛୁଳା,
ଜହ୍ନରାତିର ମନ ତୁମେ
ହସଧାରେ ହୃଦୟ ବିଜେତା
ଶ୍ରଦ୍ଧା ପାଖୁଡାର
ବିକିରିତସୁରଭି, ସୀମାହୀନ ମଧୁର ସ୍ପନ୍ଦନ।

ନହୁଲି ବୟସର ଗୀତ ହେଉ
ଅବା କୋହ ବତୁରା ଭାବ,
ଭକ୍ତି ଭାବନାର ରାଗ ହେଉ ଅବା
ଲଘୁ ସଙ୍ଗୀତର ଛନ୍ଦ
ତୁମେ ତ ଛାତି ତଳେ
ଚୋରାଚଇତାଳିରଚିତ୍ରିତଫଗୁଣର ଅଭିସାର
ଅଭିନବତ୍ୱର ସଜଫୁଲ ବୈଭବ ।

ପ୍ରତିଟି ଶ୍ୱାସରେ ଗୁଞ୍ଜରିତ ତୁମ
ସ୍ୱକୀୟ ଆଭୂଷିତା ପ୍ରାଣ,
ଶ୍ରାବଣୀ ଋତୁର ସମ୍ଭାର ତୁମେ
ସମ୍ଭାବନା ତୁମେ ଆଗାମୀ ପୀଢିର,
ବିପୁଳ ଐଶ୍ୱର୍ଯ୍ୟର ହୀରାମୋତି ତୁମ
ବିଲକ୍ଷଣ ପ୍ରତିଭାର ।

ବୟସ କେଉଁଠି ରୋକି ପାରିଥିଲା ଯେ
ଭିଜାଭିଜା ସ୍ୱର ପେଟିକାକୁ,
ସେଇ ଆଦ୍ୟ ଯୌବନର ଝଙ୍କାର
କାଲି ବି ଆଜି ବି
ଭାବ ନାୟିକା ତୁମେ
ବିବିଧ ଉପମାର ପଟ୍ଟଚିତ୍ର,
ଏ ସଂସାର ନିରାଶା ମୁହାଁ ବେଳେ
ତୁମେ ତ ଥିଲେ ଚିର ଆହ୍ଲାଦିନୀ ସ୍ରୋତ
ନିଜ ଭିତରେ ସମାହିତ କରି
ଏକ ଏକ ଅନେକଙ୍କୁ ।

ଗୀତା ପରି ତୁମେ ସ୍ଥିତପ୍ରଜ୍ଞା
ଆତ୍ମିକ ଚେତନାର
ଗୀତ ମାଧୁରୀ,
ମଧୁର ଆଳାପର ମଧୁଗୀତି,
ନହେଲେ କାହିଁକି ତୁମେ ମୃଦୁଭାଷିଣୀ
କଥାରେ କଥାରେ
ଆପଣାପଣର କଳକଳ ନିର୍ଝରିଣୀ ।

କଳାକାରଟିଏ ଚାଲିଗଲାପରେ
ସୃଷ୍ଟି ହୁଏ ଶୂନ୍ୟତା,
ତୁମେ ସେଇ ଶୂନ୍ୟତାର
ଚିରକାଳ ସ୍ମୃତି ମେଖଳା ରୋମନ୍ଥିତ ମୂହୁର୍ତ୍ତ,
ଆଉ କେ ଭରିବ ଗୀତିସୁରେ
ପାବନ ପୁଲକର ପ୍ରବଣତା ।

ନଦୀ ଫେରେ ସାଗରକୁ,
ପକ୍ଷୀ ଫେରେ ନୀଡେ
ତୁମ ବିନା ଶ୍ରୀହୀନ ସାମ୍ରାଜ୍ୟ,
ପ୍ରୀତି ବୋଇତ ଏଠି ଭିଜୁଥାଏ
ଝଡରେ ଝଡରେ
ଆକାଶ ବି ଦେଖ
କଳାମେଘର ଘୋଡଣୀ ତୁମ ପ୍ରତୀକ୍ଷାରେ ।

ଫୁର୍ କିନା ଉଡିଗଲା କାନି
ପୁଣି ଫେରିବ ଲଳିତ ସ୍ୱରର ନୀଡ ରଚି,
ତୁମେ ଦୀପ ପରି
ଅଖଣ୍ଡ ଦୀପର ଅଙ୍ଗୀକାର,
ମିଠାମିଠା କୋଳାହଳର
ଈଶ୍ୱରୀୟ ଉପହାର,
ପ୍ରତିଟି ସକାଳର ନବରାଗର
ଅସରନ୍ତି ଅକ୍ଷୟ ରୁଚି ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ଅନ୍ତହୀନ ପ୍ରତୀକ୍ଷା

**ସାରଥି ପଣ୍ଡା**



କଥା ଥିଲା ମୋର ମୋ ସାଥୀରେ
ତୁମ ପାଇଁ ତୋଳି ଆଣିବି
ଅମେଇସା ଆକାଶରୁ ଇଚ୍ଛାମତେ ତାରା-
ଶରତ ଆକାଶରୁ ଯେତେକ ମେଘଖଣ୍ଡ
ଆମ ଘର ଚଉପାଶ
ଆମ୍ବ-କରଂଜ-ନିମ-ପିଜୁଳି ଶାଖାରେ-ଶାଖାରେ
ଖଂଜିଦେବି ସବୁତକ ତାରା-
ଖଂଜିଦେବି ପୂର୍ଣ୍ଣମାସୀ ଚାନ୍ଦ ଓ ସୂରୁଜ ତୁମ ଇଚ୍ଛାମତେ
ଖଣ୍ଡ ଖଣ୍ଡ ମେଘ ନେଇ ସଜାଇବି
ଆମ ଘର ପ୍ରାଚୀନ ପ୍ରାଚୀର-ମାଟି ଓ ପାଦପ
ତୁମେ ଆସିବ ନିଶ୍ଚିତ
ଉତ୍ଫୁଲ୍ଲିତ ହେଉଥିବ
ସୁସଜ୍ଜିତ-ସୁରଭିତ ମୋ ନିର୍ମିତ ଭିନ୍ନ ଇଲାକାରେ
ତୁମେ ଆସିବ ବୋଲି ତ
ମୁଁ ଘୁଞ୍ଚିଗଲି-ଲୁଚିଗଲି ପର୍ବତ ସେପାଖେ
ମଲ୍ଲୀ-ମାଳତୀ-ହେନା-ସେବତୀ !
ଖୋଜି ଖୋଜି ନୟାନ୍ତ ହେଲେ ସିନା
ପାଇଲେନି ମୋ ଖୋଜ-ଖବର
ଲିଭାଇ ଦେଲି
ମୋ ହାତରେ ମୋ ଠିକଣା ସେମାନଙ୍କ ପାଇଁ
ଷାଠିଏ ଛୁଇଁଲା ଏବେ
ତଥାପି ହାରିନି-ଅପେକ୍ଷାରେ ଅଛି
ଏଠାରେ ନାହିଁ ତ ସେପାଖେ ତୁମେ ଆସିବ ନିଶ୍ଚିତ ॥

*ଓମ୍‌ନଗର, ଆନନ୍ଦବଜାର, ଭଦ୍ରକ*
*ଫୋନ୍-୭୦୦୮୮୨୩୬୦୬*

32 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର, ୨୧ ଫେବୃୟାରୀ, ଶନିବାର, ୨୦୨୬


# ଟି-୨୦ ବିଶ୍ୱକପ୍‌ରେ ପୁଣି ହୋଇପାରେ ଭାରତ-ପାକିସ୍ତାନ ମ୍ୟାଚ୍

**ନୂଆଦିଲ୍ଲୀ**

ଟି୨୦ ବିଶ୍ୱକପର ୨୭ତମ ଲିଗ୍ ମ୍ୟାଚ୍ ଭାରତ ଏବଂ ପାକିସ୍ତାନ ମଧ୍ୟରେ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ଖେଳାଯାଇଥିଲା। ଟିମ୍ ଇଣ୍ଡିଆ ଏହି ମ୍ୟାଚକୁ ୬୧ ରନ୍‌ରେ ଏକ ବିରାଟ ବିଜୟ ହାସଲ କରିଥିଲା। ଯଦିଓ ଲିଗ୍ ପର୍ଯ୍ୟାୟରେ ଭାରତ-ପାକିସ୍ତାନ ମ୍ୟାଚ୍ ପ୍ରାୟ ଏକପାଖିଆ ଥିଲା, ପ୍ରଶଂସକମାନେ ଏବେ ଭାବୁଛନ୍ତି ଯେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଟି୨୦ ବିଶ୍ୱକପ୍‌ରେ ହୋଇପାରେ କି ନାହିଁ। ଦ୍ୱିତୀୟ ଭାରତ-ପାକିସ୍ତାନ ମ୍ୟାଚ ହେବ କି ନାହିଁ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି।

ଟୁର୍ଣ୍ଣାମେଣ୍ଟର ସୁପର-୮ ପର୍ଯ୍ୟାୟ ପାଇଁ ସମସ୍ତ ଦଳ ଚୂଡ଼ାନ୍ତ ହୋଇଛି। ଏହି ୮ଟି ଦଳକୁ ଦୁଇଟି ପୃଥକ ଗ୍ରୁପ୍‌ରେ ରଖାଯାଇଛି। ଭାରତ ଏବଂ ପାକିସ୍ତାନୀ ଦଳ ଭିନ୍ନ ଭିନ୍ନ ଗ୍ରୁପ୍‌ରେ ଅଛନ୍ତି, ଯାହା ଫଳରେ ସୁପର-୮ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରେ ମୁକାବିଲା ଅସମ୍ଭବ। ଲିଗ ପର୍ଯ୍ୟାୟରେ ଦୁଇଟି ଦଳ ସମାନ ଗ୍ରୁପ୍‌ରେ ଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଏକ ମ୍ୟାଚ୍ ଖେଳାଯାଇଥିଲା।

ସେମିଫାଇନାଲ : ଭାରତ ଏବଂ ପାକିସ୍ତାନ ମଧ୍ୟରେ ସେମିଫାଇନାଲ ମୁକାବିଲାର ପ୍ରବଳ ସମ୍ଭାବନା ଅଛି। ଉଭୟ ଦଳ ନିଜ ନିଜ ଗ୍ରୁପ୍‌ରୁ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କଲେ ଏହା ସମ୍ଭବ ହେବ। ଗୋଟିଏ ଦଳ ଯଦି ସେମାନଙ୍କ ଗ୍ରୁପ୍‌ରେ ଶୀର୍ଷରେ ରହିବ, ଅନ୍ୟଟି ଦ୍ୱିତୀୟ ସ୍ଥାନରେ ରହିଲେ ହିଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସେମିଫାଇନାଲ ହୋଇପାରେ।

ଫାଇନାଲ: ସେମିଫାଇନାଲ ସହିତ ଉଭୟ ଦଳ ଫାଇନାଲରେ ପହଞ୍ଚିବା ସମ୍ପୂର୍ଣ୍ଣ ସମ୍ଭବ। ଯଦି ଦୁଇଟି ଦଳ ସେମିଫାଇନାଲରେ ପରସ୍ପରର ମୁହାଁମୁହିଁ ନ ହୁଅନ୍ତି, ବରଂ ପୃଥକ ସେମିଫାଇନାଲ ଖେଳନ୍ତି ଏବଂ ଉଭୟ ଜିତି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରନ୍ତି, ତେବେ ଫାଇନାଲରେ ସେମାନଙ୍କ ମଧ୍ୟରେ ଏକ ମୁକାବିଲା ମଧ୍ୟ ସମ୍ଭବ ହୋଇପାରେ।

## ମହିଳା ଏସିଆ କପ୍ ରାଇଜିଂ ଷ୍ଟାର

# ଦ୍ୱିତୀୟ ଥର ଫାଇନାଲରେ ଭାରତ ଏ

**ନୂଆଦିଲ୍ଲୀ**



ମହିଳା ଏସିଆ କପ୍ ରାଇଜିଂ ଷ୍ଟାର ୨୦୨୬ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭାରତ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ଖେଳାଯାଇଥିଲା। ଭାରତ ଏହି ମ୍ୟାଚ୍‌କୁ ଜିତି ଫାଇନାଲ ଟିକେଟ୍ ହାତେଇଛି। ବ୍ୟାଙ୍କକର ଟେର୍ଡଥାଇ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ଭାରତୀୟ-ଏ ଦଳ ଶ୍ରୀଲଙ୍କାକୁ ୫ ୱିକେଟରେ ପରାସ୍ତ କରି ଲଗାତାର ଦ୍ୱିତୀୟ ଫାଇନାଲରେ ପ୍ରବେଶ କରିଛି। ଚମତ୍କାର ବୋଲିଂ କରିଥିବା ଅଧିନାୟକ ରାଧା ଯାଦବ ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ବିଜୟର ହିରୋ ଥିଲେ।

ସେମିଫାଇନାଲ ମ୍ୟାଚ୍ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ଶ୍ରୀଲଙ୍କାର 'ଏ' ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା, କିନ୍ତୁ ଭାରତୀୟ ବୋଲର ଶ୍ରୀଲଙ୍କା ବ୍ୟାଟରଙ୍କୁ ଘାଇଲା କରିଥିଲେ। ଶ୍ରୀଲଙ୍କା ଦଳ ୧୯.୪ ଓଭରରେ ମାତ୍ର ୧୧୮ ରନରେ ଅଲଆଉଟ୍ ହୋଇଯାଇ ଥିଲା। ସଞ୍ଜନା କାଭିଣ୍ଡି ୩୫ ବଲ୍‌ରେ ସର୍ବାଧିକ ୩୧ ରନ୍ କରିଥିଲେ। ଶଶିନି ଗିମହାନି ମଧ୍ୟ ୧୭ ବଲ୍‌ରେ ୨୨ ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ। ହଂସିମା କରୁଣାରତ୍ନେ ୧୪ ରନ୍ ଏବଂ ସତ୍ୟ ସାନ୍ଦିପାନି ୧୫ ରନର ପାଳି ଖେଳିଥିଲେ। ଏହି ସମୟରେ, ଭାରତୀୟ ଅଧିନାୟକ ରାଧା ଯାଦବ ମ୍ୟାଚ୍‌ରେ ସବୁଠାରୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ସେ ୩.୪ ଓଭରରେ ୧୯ ରନ ଦେଇ ୪ ୱିକେଟ୍ ନେଇଥିଲେ। ପ୍ରେମା ରାୱତ ୪ ଓଭରରେ ମାତ୍ର ୯ ରନ ଦେଇ ୨ ୱିକେଟ୍ ନେଇଥିଲେ। ତନୁଜା କନୱାର ମଧ୍ୟ ୨ ୱିକେଟ୍ ନେଇଥିଲେ, ଯାହା ଶ୍ରୀଲଙ୍କାକୁ ୧୨୦ ରନ ବି କରିବାକୁ ଦେଇନଥିଲା। ୧୧୮ ରନରେ ସୀମିତ ରହିଥିଲା।

ଜବାବରେ ୧୧୯ ରନର ବିଜୟ ଲକ୍ଷ୍ୟ ଭାରତ ସହଜରେ ହାସଲ କରି ନେଇଥିଲା। ଭାରତୀୟ ଦଳ ତାର ଇନିଂସରେ ଦମ୍‌ଦାର ଆରମ୍ଭ କରିଥିଲା। ବୃନ୍ଦା ଦିନେଶ ୨୦ ବଲ୍‌ରେ ୮ ଚୌକା ସହିତ ୪୨ ରନ୍ କରିଥିଲେ। ଅନୁଷ୍କା ଶର୍ମା ମଧ୍ୟ ୧୮ ବଲ୍‌ରେ ୨୭ ରନ୍ କରିଥିଲେ। ଅଧିନାୟିକା ରାଧା ଯାଦବ ୩୧ ରନ୍ କରି ଅପରାଜିତ ରହିଥିଲେ। ଯାହା ଫଳରେ ଭାରତ ୧୩.୩ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା।

# ଟ୍ୱେଣ୍ଟି-୨୦ ବିଶ୍ୱକପ୍: ଭାରତକୁ ଅଡୁଆ ଅଫ୍-ସ୍ପିନ୍

**ମୁମ୍ବାଇ**

ଚଳିତ ଟ୍ୱେଣ୍ଟି-୨୦ କ୍ରିକେଟ୍‌ର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହି ଭାରତୀୟ ଦଳ ସୁପର-୮ରେ ପ୍ରବେଶ କରିଛି। କିନ୍ତୁ ଲିଗ୍ ପର୍ଯ୍ୟାୟରେ ଭାରତୀୟ ବ୍ୟାଟିଂର କେତେକ ଦୁର୍ବଳତା ପଦାରେ ପଡ଼ିଯାଇଥିଲା। ତାହା ହେଉଛି ଅଫ୍ ସ୍ପିନ୍‌କୁ ଖେଳିବାରେ ଭାରତୀୟ ବ୍ୟାଟରମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସୁପର-୮ରେ ଭାରତ ଶକ୍ତିଶାଳୀ ଦଳଙ୍କ ସାମନା କରିବାକୁ ଯାଉଥିବାବେଳେ ଏହି ଦୁର୍ବଳତା ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି ଦଳର ସହକାରୀ ପ୍ରଶିକ୍ଷକ ରିୟାନ ଟେନ୍ ଡୋଏସେଟ୍ ସତର୍କ କରାଇ ଦେଇଛନ୍ତି। ଦଳର ଏହି ଦୁର୍ବଳତାକୁ ସ୍ୱୀକାର କରି ସେ କହିଛନ୍ତି ଯେ ଭାରତୀୟ ଦଳରେ ଅନେକ ବାମହାତୀ ବ୍ୟାଟର ଅଛନ୍ତି। ଭାରତର ପ୍ରମୁଖ ତିନିଜଣ ବ୍ୟାଟର ଅଭିଷେକ ଶର୍ମା, ଇଶାନ କିଶନ ଓ ତିଳକ ବର୍ମା ବାମହାତୀ। ସେହିପରି ଶୁଭମ ଦୁବେ, ରିଙ୍କୁ ସିଂ ଓ ଅକ୍ଷର ପଟେଲ୍ ମଧ୍ୟ ବାମହାତୀ। ଏହି କାରଣରୁ ଲିଗ୍ ପର୍ଯ୍ୟାୟର ବିପକ୍ଷ ଦଳଗୁଡ଼ିକ ଅଫ୍ ସ୍ପିନରମାନେ ଭାରତକୁ ସମସ୍ୟାରେ ପକାଇବାରେ ସଫଳ ହୋଇଥିଲେ। ଏହା ଦଳ ପାଇଁ ଏକ ଆହ୍ୱାନ ହୋଇଥିବା ବେଳେ ଏହାର ତୁରନ୍ତ କୌଣସି ସମାଧାନ ନାହିଁ, ବୋଲି ସେ ସ୍ୱୀକାର କରିଛନ୍ତି।

ଲିଗ୍ ପର୍ଯ୍ୟାୟରେ ୟୁଏସ୍‌ଏ ଓ ନେଦରଲାଣ୍ଡସ୍ ପରି ଦୁର୍ବଳ ଦଳ ବିପକ୍ଷରେ ଭାରତୀୟ ବ୍ୟାଟରମାନେ ସଂଘର୍ଷ କରୁଥିବା ଦେଖାଯାଇଥିଲା। ଚଳିତ ବିଶ୍ୱକପ୍‌ରେ ଭାରତୀୟ ବ୍ୟାଟରମାନେ ଏପର୍ଯ୍ୟନ୍ତ ମୋଟ ୪୨ ଓଭର ସ୍ପିନ ବୋଲିଂର ସମ୍ମୁଖୀନ ହୋଇ ମୋଟ ୩୧୫ ରନ୍ କରିଛନ୍ତି। ସ୍ପିନରମାନେ ୧୫ଟି ଭାରତୀୟ ୱିକେଟ୍ ନେଇଛନ୍ତି। ସୁପର-୮ ପର୍ଯ୍ୟାୟରେ ଭାରତର ମୁକାବିଲା ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ୱେଷ୍ଟଇଣ୍ଡିଜ୍ ସହ ହେବ। ଏହି ତିନୋଟି ଦଳରେ କେତେକ ଭଲ ସ୍ପିନର ଥିବାରୁ ତାହା ଭାରତ ପାଇଁ ଏକ ସତର୍କ ଘଣ୍ଟି ହୋଇପାରେ। ତେବେ ଲୟରେ ନଥିବା ଅଭିଷେକଙ୍କ ବଦଳରେ ଡାହାଣହାତୀ ବ୍ୟାଟର ସଂଜୁ ସାମସନଙ୍କୁ ସାମିଲ କରାଗଲେ ଏହି ସମସ୍ୟାର କିଛିଟା ସମାଧାନ ହୋଇପାରେ।

# ଟି-୨୦ ବିଶ୍ୱକପ ୨୦୨୬ : ସୁପର-୮ରୁ ବାଦ୍ ପଡ଼ିଥିବା ଦଳଙ୍କୁ ମିଳିବ ୨ କୋଟି ୫୦ ଲକ୍ଷ

**ନୂଆଦିଲ୍ଲୀ**

ଭାରତ ଏବଂ ଶ୍ରୀଲଙ୍କାରେ ଖେଳାଯାଉଥିବା ଟି-୨୦ ବିଶ୍ୱକପର ଗୁରୁବାର ଖେଳାଯାଇଥିଲା ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍। ୨୦ ଦଳଙ୍କୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ସୁପର-୮ରେ ୮ ଦଳ ନିଜର ସ୍ଥାନ ପକ୍କା କରିସାରିଛନ୍ତି। ତେବେ ୧୨ ଦଳ ଏହି ରେସ୍‌ରୁ ବାଦ୍ ପଡ଼ିଥିବାବେଳେ ଯେଉଁଥିରେ ରହିଛି ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳି ଦଳ। ତେବେ ପ୍ରଥମ ପର୍ଯ୍ୟାୟରୁ ବାଦ୍ ପଡ଼ିଥିବା ଦଳମାନଙ୍କୁ ମଧ୍ୟ ଆଇସିସି ଦେବ ଉପହାର। ଆଇସିସି ଏହି ଦଳମାନଙ୍କୁ ମଧ୍ୟ ଟଙ୍କା ଦେବ। ୯ ନମ୍ବରୁ ୧୨ ନମ୍ବର ମଧ୍ୟରେ ରହିଥିବା ଦଳମାନଙ୍କୁ ଆଇସିସି ପକ୍ଷରୁ ୨ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ।

ଏହାସହ ୧୩ ନମ୍ବରରୁ ୨୦ ନମ୍ବର ଭିତରେ ଥିବା ବାକି ଦଳମାନେ ୨ କୋଟି ଟଙ୍କା ଲେଖାଏଁ ପୁରସ୍କାର ରାଶି ପାଇବେ। ଏହାସହ ଆଇସିସି ପ୍ରତ୍ୟେକ ମ୍ୟାଚ୍ ବିଜୟ ପାଇଁ ଅଲଗା ରାଶି ମଧ୍ୟ ଦେଇଥାଏ। ଟୁର୍ଣ୍ଣାମେଣ୍ଟରେ ଗୋଟିଏ ମ୍ୟାଚ୍ ବିଜୟ ପାଇଁ ୨୮ ଲକ୍ଷ ଟଙ୍କା ମିଳିଥାଏ। ତେବେ ଏହା ସେମିଫାଇନାଲ ଏବଂ ଫାଇନାଲକୁ ଛାଡ଼ି ମିଳିଥାଏ। ଗ୍ରୁପ୍ ଷ୍ଟେଜ୍ ଏବଂ ସୁପର-୮ରେ ପ୍ରତ୍ୟେକ ମ୍ୟାଚ୍ ବିଜୟ ପରେ ଏହି ରାଶି ମିଳିଥାଏ। ଅଷ୍ଟ୍ରେଲିଆ ଭଳି ଦଳ ମଧ୍ୟ ପରାଜୟ ବରଣ କରିଥିବାବେଳେ ଆଇସିସି ଦ୍ୱାରା ପ୍ରଦାନ କରାଯାଉଥିବା ରାଶିରେ ସନ୍ତୁଷ୍ଟ ହେବାକୁ ବାଧ୍ୟ।

ତେବେ ସୁପର-୮ରୁ ବାଦ୍ ପଡ଼ିଥିବା ଦଳମାନେ ହେଲେ ୟୁଏସ, ନାମିବିଆ, ନେଦରଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ, ଓମାନ, ଇଟାଲୀ, ନେପାଳ, ସ୍କଟଲ୍ୟାଣ୍ଡ, ଆଫଗାନିସ୍ତାନ, କାନାଡ଼ା ଏବଂ ୟୁଏଇ ଅନ୍ତର୍ଭୁକ୍ତ। ସେପଟେ ସୁପର-୮ରେ ସ୍ଥାନ ପକ୍କା କରିଥିବା ଦଳ ମଧ୍ୟରେ ରହିଛନ୍ତି ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ଜିମ୍ବାୱେ, ନ୍ୟୁଜିଲାଣ୍ଡ, ଦକ୍ଷିଣଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଏବଂ ଇଂଲଣ୍ଡ। ଏବେ ଅସଲ ମୁକାବିଲା ହେବାକୁ ଥିବାବେଳେ କଡ଼ା ଟକ୍କର ହେବ। ସୁପର-୮ରେ ଅଲଗା ଗ୍ରୁପ୍‌ରେ ଭାରତ ପାକିସ୍ତାନ ରହିଥିବାବେଳେ ସେମିଫାଇନାଲରେ ଭେଟ ହେବାର ଆଶଙ୍କା ରହିଛି।

# ଗାଡ଼ିଚାଳକରୁ ସାଇଡ୍‌ଆର୍ମ ଥ୍ରୋୟର, ସନ୍‌ରାଇଜର୍ସରେ ଓଡ଼ିଆ ପୁଅ



**କଟକ**

ଗାଡ଼ିଚାଳକରୁ ସାଇଡ୍‌ଆର୍ମ ଥ୍ରୋୟର୍ ଭାବେ ଝାଡ଼ଖଣ୍ଡ ରଣଜୀ ଦଳରେ କାର୍ଯ୍ୟ କରି ପ୍ରଶଂସା ସାଉଁଟିଥିବା ଉତ୍ତମ ମହାନ୍ତି ଜୀବନର ଲକ୍ଷ୍ୟ ପୂରଣ କରିଛନ୍ତି। ଝାଡ଼ଖଣ୍ଡ ଦଳ ସହିତ ଭାରତୀୟ ଓପନର୍ ଇଶାନ କିଷନଙ୍କ ବ୍ୟକ୍ତିଗତ ଥ୍ରୋୟର୍ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ଆଇପିଏଲ୍‌ରେ ସୁଯୋଗ ପାଇଛନ୍ତି। ସନ୍‌ରାଇଜର୍ସ ହାଇଦ୍ରାବାଦ୍ ତାଙ୍କୁ ଦଳରେ ସାମିଲ କରିଛି। ଖୁବ୍ ଶୀଘ୍ର ସେ ଟିମ୍‌ରେ ଯୋଗ ଦେବେ। ଦେଉଳସାହି ନିବାସୀ ମଧୁସୂଦନ ମହାନ୍ତି ଓ ସଂଯୁକ୍ତା ମହାନ୍ତିଙ୍କ ପୁଅ ୩୭ ବର୍ଷୀୟ ଉତ୍ତମ ଛୋଟବେଳୁ କ୍ରିକେଟପ୍ରିୟ ଥିଲେ। ଟେନିସ୍ ବଲ୍ କ୍ରିକେଟରେ ତାଙ୍କର ରୁଚି ରହିଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରେ ଟେନିସ୍ ବଲ୍ ଖେଳି ବେଶ୍ ପରିଚିତ ଥିଲେ। କିନ୍ତୁ ଟେନିସ୍ ବଲ୍ ଖେଳରୁ ପେଟ ପୋଷିବା ମୁସ୍କିଲ୍ ଥିଲା। ନିଯୁକ୍ତି ନଥିବାରୁ ଡ୍ରାଇଭିଂ କରି ପରିବାର ଚଳାଉଥିଲେ। କରୋନା ସମୟରେ ଗାଡ଼ିମୋଟର ଗଡ଼ିବା ବନ୍ଦ ହେବା ପରେ ଆର୍ଥିକ ଅନାଟନ ଉତ୍ତମଙ୍କ ଚିନ୍ତା ବଢାଇଥିଲା। ବିଡ଼ାନାସୀ ଖେଳ ପଡିଆରେ ନିଜ ବନ୍ଧୁଙ୍କ ସହ ସାଇଡ୍ ଆର୍ମର୍ ପକାଇବା ଆରମ୍ଭ କରିଥିଲେ। ଓଡ଼ିଶା ରଣଜୀ ଦଳର କିଛି ଖେଳାଳିଙ୍କୁ ବଲ୍ ଫିଙ୍ଗିବା ପରେ ଏ ବାବଦରେ ଟେକ୍‌ନିକ୍ ପାଇ ଯାଇଥିଲେ ଉତ୍ତମ।

ଦୁଇବର୍ଷ ପୂର୍ବରୁ ଝାଡ଼ଖଣ୍ଡ ରାଜ୍ୟ ଦଳର ଏକ କ୍ୟାମ୍ପ୍ ହେଉଥିବା ଖବର ପାଇ ସେଠାକୁ ଯାଇ ଟ୍ରାଏଲ୍ସ ଦେଇଥିଲେ ଉତ୍ତମ। ବଲ୍ ଫିଙ୍ଗିବା ଶୈଳୀ ଓ ପେସ୍‌କୁ ଦେଖି ପ୍ରଭାବିତ ହୋଇଥିଲେ ଝାଡଖଣ୍ଡ ଦଳର ଖେଳାଳି। ବିଶେଷ କରି ଅଧିନାୟକ ଇଶାନ୍ କିଶନ୍‌ଙ୍କୁ ଉତ୍ତମଙ୍କ ବଲ୍ ଫିଙ୍ଗିବା ଶୈଳୀ ଭଲ ଲାଗିଥିଲା। ଝାଡ଼ଖଣ୍ଡ ଦଳରେ ନିଯୁକ୍ତି ପାଇବା ସହ ଦଳର କ୍ୟାମ୍ପ୍‌ରେ ରହି ଅଭ୍ୟାସ କରାଇବା ଆରମ୍ଭ କରିଥିଲେ। ଏବେ କିଷନ୍ ଭାରତୀୟ ଦଳରେ ଖେଳୁଥିବା ବେଳେ ଉତ୍ତମଙ୍କୁ ଆଇପିଏଲରେ କାମ କରିବାର ସୌଭାଗ୍ୟ ମିଳିଛି।

# କ୍ରିକେଟ୍ ମ୍ୟାଚ୍ ଚାଲିଥିବାବେଳେ ମହୁମାଛି ଆକ୍ରମଣ : ଅମ୍ପାୟାର ମୃତ



**ଲକ୍ଷ୍ନୌ**

ଭାରତରେ ଏକ କ୍ରିକେଟ ମ୍ୟାଚ ଚାଲିଥିବା ସମୟରେ ଏକ ଅଘଟଣ ଘଟିଛି। ଏଠାରେ ଏକ ମ୍ୟାଚ୍ ଚାଲିଥିବାବେଳେ ମହୁମାଛି ଆକ୍ରମଣରେ ଜଣେ ଅମ୍ପାୟାରଙ୍କ ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣା ଉତ୍ତର ପ୍ରଦେଶର ଉନ୍ନାଓ ଜିଲ୍ଲାରେ ଘଟିଛି। ୧୫ରୁ ୨୦ ଜଣ ଖେଳାଳି ଆହତ ହୋଇଛନ୍ତି। ମହୁମାଛିଙ୍କଠାରୁ ନିଜକୁ ରକ୍ଷା କରିବା ପାଇଁ ଅମ୍ପାୟାର ଏବଂ ଖେଳାଳିମାନେ ତଳେ ଶୋଇ ପଡ଼ିଥିଲେ। ୬୫ ବର୍ଷୀୟ ଅମ୍ପାୟାର ମାଣିକ ଗୁପ୍ତାଙ୍କୁ ମହୁମାଛି ଆକ୍ରମଣ କରିଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। କାନପୁର କ୍ରିକେଟ ଆସୋସିଏସନ ଅମ୍ପାୟାର ମାଣିକ ଗୁପ୍ତା କାର୍ଯ୍ୟ କରୁଥିଲେ। ଶୁକ୍ଲାଗଞ୍ଜ ଅଞ୍ଚଳର ସପ୍ରୁ ଗ୍ରାଉଣ୍ଡରେ ଖେଳାଯାଉଥିବା ଏକ ମ୍ୟାଚ୍ ସମୟରେ ପ୍ରବଳ ମହୁମାଛି ପଶିଯାଇଥିଲେ। ପାନୀୟ ବିରତି ସମୟରେ ମହୁମାଛି ଖେଳାଳି ଏବଂ ଅମ୍ପାୟାରଙ୍କୁ ଆକ୍ରମଣ କରିଥିଲା। ସମସ୍ତେ ନିଜକୁ ରକ୍ଷା କରିବା ପାଇଁ ତଳେ ଶୋଇ ପଡ଼ିଥିଲେ। ଗମ୍ଭୀର ଆହତ ଅମ୍ପାୟାରଙ୍କୁ କାନପୁରର ଏକ ଘରୋଇ ନର୍ସିଂ ହୋମକୁ ନିଆଯାଇଥିଲା। ଡାକ୍ତରମାନେ ମାଣିକ ଗୁପ୍ତାଙ୍କ ଅବସ୍ଥା ଗୁରୁତର ଥିବା କହିଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ଉଲ୍ଲେଖଯୋଗ୍ୟ ଯେ, ୨୦୧୯ରେ ସମାନ ଘଟଣା ଘଟିଥିଲା। ତିରୁଭାନନ୍ତପୁରମରେ ଭାରତ ଏ ବନାମ ଇଂଲଣ୍ଡ ଲାୟନ୍ସ ଏକଦିବସୀୟ ମ୍ୟାଚ ଉପରେ ମହୁମାଛି ଆକ୍ରମଣ କରିଥିଲା। ଖବର ଅନୁଯାୟୀ ଅନେକ ଲୋକଙ୍କୁ ମହୁମାଛି କାମୁଡ଼ିଥିଲା, ଯଦିଓ ସୌଭାଗ୍ୟବଶତଃ କେହି ମୃତ୍ୟୁବରଣ କରି ନ ଥିଲେ।

# ଅଭିଷେକ ଶର୍ମାଙ୍କୁ ଗୁରୁ ମନ୍ତ୍ର ଦେଲେ ସୁନୀଲ ଗାଭାସ୍କର

**ନୂଆଦିଲ୍ଲୀ**



ଅଭିଷେକ ଶର୍ମା ୨୦୨୬ ଟି୨୦ ବିଶ୍ୱକପରେ ତିନୋଟି ଇନିଂସ ଖେଳିଛନ୍ତି, କିନ୍ତୁ ସେ ତାଙ୍କର ଖାତା ଖୋଲି ନାହାନ୍ତି। ସେ ତିନୋଟି ମ୍ୟାଚରେ ଶୂନ୍ୟରେ ଆଉଟ ହୋଇଥିଲେ। ତାଙ୍କର ଖରାପ ଫର୍ମ ଟିମ ଇଣ୍ଡିଆ ପାଇଁ ଚିନ୍ତାର କାରଣ। ଏବେ, ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଅଭିଷେକଙ୍କୁ 'ଫ୍ଲପ'ରୁ 'ହିଟ' କିପରି ହେବେ ସେ ବିଷୟରେ କିଛି ପରାମର୍ଶ ଦେଇଛନ୍ତି।

ପ୍ରଥମେ, ଗାଭାସ୍କର କହିଛନ୍ତି ଯେ ଆଶା ଅଭିଷେକଙ୍କ ପାଇଁ ବୋଝ ପାଲଟିଯାଉଛି। ସେ ଆହୁରି ପରାମର୍ଶ ଦେଇଛନ୍ତି ଯେ ଅଭିଷେକ ଆରମ୍ଭରୁ ବଡ଼ ସଟ୍ ଖେଳିବା ପରିବର୍ତ୍ତେ ତାଙ୍କର ଇନିଂସ ଗଠନ ଉପରେ ଧ୍ୟାନ ଦେବା ଉଚିତ। ଅଭିଷେକ ଏପର୍ଯ୍ୟନ୍ତ ଆମେରିକା, ପାକିସ୍ତାନ ଏବଂ ନେଦରଲ୍ୟାଣ୍ଡସ୍ ବିପକ୍ଷରେ ତିନୋଟି ମ୍ୟାଚ ଖେଳିଛନ୍ତି। ସେ ତିନୋଟି ମ୍ୟାଚରେ ୦, ୦ ଏବଂ ୦ ରେ ଆଉଟ ହୋଇଥିଲେ।

ଷ୍ଟାର ସ୍ପୋର୍ଟସରେ ଏକ ସାକ୍ଷାତ୍କାରରେ ସୁନୀଲ ଗାଭାସ୍କର କହିଛନ୍ତି, 'ଅଭିଷେକ ଭଲ, କିନ୍ତୁ ଆଶା ତାଙ୍କୁ ଭାରାକ୍ରାନ୍ତ କରୁଛି। ଯଦି ସେ ଆମେରିକା ବିପକ୍ଷରେ ଭଲ ଆରମ୍ଭ କରିଥାନ୍ତେ, ତେବେ ଏହା ଭିନ୍ନ ହୋଇଥାନ୍ତା। ଏବେ ଛକା ମାରିବା ଭଳି ଟପ-ଅର୍ଡର ବ୍ୟାଟ୍ସମ୍ୟାନ ହେବାର ଚାପ ଦେଖାଯିବା ଆରମ୍ଭ ହୋଇଛି।'

କିମ୍ବଦନ୍ତୀ ଗାଭାସ୍କର ଆହୁରି କହିଛନ୍ତି, 'ତାଙ୍କୁ କ୍ରିଜ୍‌ରେ ସମୟ ବିତାଇବାକୁ ପଡ଼ିବ। ସେ ଇନିଂସର ପ୍ରଥମ ବଲରେ ଛକା କିମ୍ବା ଚୌକା ମାରିବା ବିଷୟରେ ଚିନ୍ତା କରିପାରିବେ ନାହିଁ। ଯଦି ଏକ ବଡ଼ ସଟ୍ ଆସେ, ତେବେ ଠିକ୍ ଅଛି। କିନ୍ତୁ ତାଙ୍କୁ ଲାଇନ ଆରପଟେ ଖେଳିବା ଉଚିତ ନୁହେଁ। ଗୋଟିଏ ସିଙ୍ଗଲ ନିଅନ୍ତୁ ଏବଂ ଆପଣଙ୍କ ଖାତା ଖୋଲିବା ଉଚିତ। ଚାରୋଟି ଡଟ୍ ବଲ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସେ ପରେ ସେଗୁଡ଼ିକୁ ସମାଧାନ କରିପାରିବେ। ତାଙ୍କୁ ଆରମ୍ଭରେ ସ୍ମାର୍ଟ ଖେଳିବାକୁ ପଡ଼ିବ। ସ୍ଥିର ହେବା ପାଇଁ ଗୋଟିଏ କିମ୍ବା ଦୁଇଟି ଓଭର ଖେଳିବା ଉଚିତ ଏବଂ ତା'ପରେ ତାଙ୍କର ସ୍ୱାଭାବିକ ଖେଳ ଖେଳିବା ଉଚିତ।'

ଗାଭାସ୍କର ଆହୁରି କହିଛନ୍ତି, 'ପ୍ରଥମେ, କେବଳ ଆପଣଙ୍କ ଖାତା ଖୋଲନ୍ତୁ। ସମସ୍ତେ ସେହି ପ୍ରଥମ ରନ ଚାହାନ୍ତି। ସେ ଏହା ପାଇବା ପରେ, ସବୁକିଛି ଠିକ ସ୍ଥାନରେ ପଡ଼ିଯାଏ।'

## ଅଲ୍ ଇଣ୍ଡିଆ ରାମଧୂନ କପ୍ ଫୁଟବଲ୍

# ଦ୍ୱିତୀୟ ସେମିଫାଇନାଲରେ ରାମ୍ ଧୂନ୍ କ୍ଲବ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଆୟୋଜିତ ୧୭ତମ ସର୍ବ ଭାରତୀୟ ରାମଧୂନ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ବି-ପୁଲର ଦ୍ୱିତୀୟ ମ୍ୟାଚ୍‌ରେ ଶୁକ୍ରବାର ରାମ୍ ଧୂନ୍ କ୍ଲବ ସୁବର୍ଣ୍ଣପୁର ଓ ନେପାଳ ଜେ.ବି.ଏମ୍. ୟୁନାଇଟେଡ଼ ଏଫ୍-ସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇ ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲା। ଅତିଥି ଭାବେ ସୁବର୍ଣ୍ଣପୁର ଡିଏସପି ଚନ୍ଦ୍ର ଶେଖର ଶବର, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଧ କୁମାର ଦାଶ, ଜିଲ୍ଲା ପଞ୍ଚାୟତ ତଥା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଜିଲ୍ଲା ଓକିଲ ସଂଘ ସଭାପତି ପ୍ରତାପ କୁମାର ପୁରୋହିତ ଯୋଗଦେଇ ଦେଶ ଦେଶ ମଧ୍ୟରେ ଯୁଦ୍ଧ ନ କରି ଖେଳ ଖେଳ ଭିତରେ ଯୁଦ୍ଧ କରିବାକୁ ଭାତୃତ୍ୱ ଭାବ ରଖିବାକୁ ପରାମର୍ଶ କରି ଉତ୍ସାହିତ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ହୋଟେଲ ମୁନ ପ୍ରୋପାଇଟର ନିର୍ମଳ ନେଗୀ, ଭେଟରାନ୍ ଫୁଟବଲ୍ ଖେଳାଳି ରାଜେନ୍ଦ୍ର ସାହୁ , ସରୋଜ ଦାଶ, ସୁରଟି ଦୀପ, ଚନ୍ଦ୍ର ଶେଖର ନାଏକ, ସୂର୍ଯ୍ୟ ନାରାୟଣ ଭୋଇ, ଉଜଳ୍ ନାଏକ, ଦଶରଥ ନାଏକ, ମନୋଜ ବାଗ, ପଞ୍ଚାନନ ସାହୁ ପ୍ରମୁଖ ସମସ୍ତ ଭେଟରାନ୍ ଖେଳାଳୀ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କ ସହ ପରିଚୟ ପ୍ରଦାନ କରି ଆୟୋଜକ, ଦର୍ଶକ ଓ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମସ୍ତ ଏ ଭେଟରାନ ଖେଳାଳିଙ୍କୁ ଶୁକ୍ରବାରରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ରାମ ଧୂନ୍ କ୍ଲବ ଦଳର ଫ୍ରାଞ୍ଚାଇଜ୍ ନାଇସେଟ କମ୍ପ୍ୟୁଟର ନିର୍ଦ୍ଦେଶକ ରମଣ ପଧାନ, ନେପାଳ ଜେ.ବି.ଏମ୍. ୟୁନାଇଟେଡ ଏଫସି ଦଳର ଫ୍ରାଞ୍ଚାଇଜ୍ ବଗଲା ଜ୍ୱେଲର୍ସ ପ୍ରୋପାଇଟର ରୁପେଶ ଅଗ୍ରୱାଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଙ୍କ ସହ ରାମ ଧୂନ୍ କ୍ଲବ ଉପଦେଷ୍ଟା କଇରୁ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର, ବିବେକାନନ୍ଦ ମିଶ୍ର, ସନ୍ତୋଷ ମିଶ୍ର ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ରାମ ଧୂନ୍ କ୍ଲବର ୭ ନମ୍ବର ଜର୍ସି ବିଶାଳ ମୁଣ୍ଡାଙ୍କୁ ଓ ଦର୍ଶକ ଲଟେରୀ ପ୍ରଥମ ବିଜେତା ମନୋ ନାଏକ, ସୋନପୁର, ଦ୍ୱିତୀୟ ବିଜେତା ଅମିତ୍ ସାହୁ, ସୋନପୁର ଓ ତୃତୀୟ ବିଜେତା ସୂର୍ଯ୍ୟକାନ୍ତ ବିଭାରଙ୍କୁ ପୁରସ୍କୃତ କରିଥିଲେ। ଶୁକ୍ରବାର ନେପାଳ ଜେବିଏମ୍ ୟୁନାଇଟେଡ଼ ଦଳକୁ ୦୫-୦୩ ଗୋଲରେ ହରାଇ ରାମ ଧୂନ୍ କ୍ଲବ ଦଳ ବିଜୟୀ ହୋଇଥିଲା। ଏହି ଖେଳକୁ ମୁଖ୍ୟ ରେଫରି ଭାବେ ସଞ୍ଜୀବ ସାହୁ, ସହଯୋଗୀ ରେଫରୀ ଭାବେ ସଞ୍ଜନ କୁଦେଇ, ସୁଜିତ ରାଜ ହଂସ, ଜିତୁ ପାତ୍ର, ମ୍ୟାଚ କମିଶନର ଭାବେ ଭୁକୁଲୁ ବକ୍ସି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ଦିଗାମ୍ବର ଶତପଥି ସଭା ପରିଚାଳନା କରିଥିଲେ ଓ ଖେଳର ପ୍ରତ୍ୟକ୍ଷ ଧାରାବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା, ରାମଧୂନ କ୍ଲବ୍ ସଦସ୍ୟ ବିକାଶ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସନ୍ତୋଷ ପାଢ଼ୀ, ସୁଭାଷ ବିଶ୍ୱାଳ, ବସିର୍ ମହମ୍ମଦ, ଅନିଲ ସାହୁ, ହୃଷୀକେଶ ପଣ୍ଡା, ରାଜ କୁମାର୍ ନାଏକ, ରାଜୀବ ସାହୁ, ବୁବୁନ ନାଏକ, ଶ୍ରୀତମ ସରାଫ, ଅମିତ୍ ସାହୁ, ମୁନୁ ମହମ୍ମଦ, ବିଶ୍ୱ, ଚାହଦ, ରିକୁନ ନାଏକ, ସିପୁନ ନାଏକ, ସୁରଜ୍ ସାହୁ, ଚନ୍ଦନ ସାହୁ, ବିଦ୍ୟାଧର ମିଶ୍ର, ସଦା ଶାନ୍ତି ସାହୁ, ଗୁରୁ ଦଳାଇ, ଚନ୍ଦନ ବେହେରା, ଆୟୁଷ ପଣ୍ଡା, ଅଂଶୁମାନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସୁପର-୮ରେ ଟିମ୍ ଇଣ୍ଡିଆର ପ୍ଲେଇଂ ଇଲେଭେନରୁ ବାଦ୍ ପଡ଼ିପାରନ୍ତି ଅଭିଷେକ ଶର୍ମା

**ନୂଆଦିଲ୍ଲୀ**



୨୦୨୬ ଟି୨୦ ବିଶ୍ୱକପର ସୁପର ୮ ପର୍ଯ୍ୟାୟ ଫେବୃୟାରୀ ୨୧ରେ ଆରମ୍ଭ ହେଉଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯାଉଥିବା ସମସ୍ତ ଆଠଟି ଦଳକୁ ଚାରିଟି ଦଳରେ ବିଭକ୍ତ କରାଯାଇଛି। ଟିମ୍ ଇଣ୍ଡିଆ ସେମାନଙ୍କର ଚାରୋଟି ମ୍ୟାଚ୍ ଜିତି ଗ୍ରୁପ ପର୍ଯ୍ୟାୟରେ ଶୀର୍ଷରେ ରହିଛି। ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ, ଟିମ୍ ଇଣ୍ଡିଆ ସ୍ପଷ୍ଟ ଭାବରେ ଭଲ ପ୍ରଦର୍ଶନ କରୁଛି, କିନ୍ତୁ ଆମେରିକା ଏବଂ ନେଦରଲ୍ୟାଣ୍ଡସ୍ ଭଳି ସହଯୋଗୀ ଦଳଗୁଡ଼ିକ ଭାରତୀୟ ବୋଲିଂକୁ ପର୍ଦ୍ଦାଫାଶ କରିବାରେ କୌଣସି କସରତ ଛାଡ଼ି ନାହାନ୍ତି।

ଗ୍ରୁପ୍ ପର୍ଯ୍ୟାୟ ମୂଲ୍ୟାଙ୍କନ କରି, ଇଶାନ କିଷାନ, ବରୁଣ ଚକ୍ରବର୍ତ୍ତୀ ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସମସ୍ତେ ଭଲ ପ୍ରଦର୍ଶନ କରିଛନ୍ତି। ତଥାପି କେତେଜଣ ଖେଳାଳି ଆଶା ପୂରଣ କରିବାରେ ବିଫଳ ହୋଇଛନ୍ତି। ଯେଉଁମାନେ ସେମାନଙ୍କ ପ୍ରଦର୍ଶନ ଆଧାରରେ ସୁପର ୮ରୁ ବାଦ୍ ପଡ଼ିପାରନ୍ତି।

ଅଭିଷେକ ଶର୍ମା : ୨୦୨୫ ମସିହାରେ, ଅଭିଷେକ ଶର୍ମା ୮୫୯ ରନ କରିଥିଲେ। ହଠାତ ଏହା କିପରି ଘଟିଲା ଯେ ସେହି ବ୍ୟାଟ୍ସମ୍ୟାନ ୨୦୨୬ ଟି୨୦ ବିଶ୍ୱକପର ପ୍ରଥମ ତିନୋଟି ଇନିଂସରେ ନିଜର ଖାତା ଖୋଲିପାରିଲେ ନାହିଁ। ଅଭିଷେକ ଶର୍ମା ବିଶ୍ୱକପରେ ୦ ରନରେ ଆଉଟ ହେବାର ହ୍ୟାଟ୍ରିକ ହାସଲ କରିସାରିଛନ୍ତି। ସୁପର ୮ ପର୍ଯ୍ୟାୟ ଗ୍ରୁପ ପର୍ଯ୍ୟାୟ ଅପେକ୍ଷା ବହୁତ କଷ୍ଟକର ହେବ। ଅଭିଷେକଙ୍କ ଖରାପ ଫର୍ମ ଟିମ ଇଣ୍ଡିଆର ବିଶ୍ୱକପ ଜିତିବାର ଆଶାକୁ ବାଧା ଦେବା ପୂର୍ବରୁ, ତାଙ୍କୁ ପ୍ଲେଇଂ ଇଲେଭେନରୁ ବାଦ୍ ଦିଆଯାଇପାରେ।

ରିଙ୍କୁ ସିଂହ : ରିଙ୍କୁ ସିଂହ ଗ୍ରୁପ ପର୍ଯ୍ୟାୟରେ ସମସ୍ତ ଚାରୋଟି ମ୍ୟାଚ ଖେଳିଥିଲେ। ଆମେରିକା ବିପକ୍ଷ ମ୍ୟାଚରେ, ସେ ୧୪ ବଲରୁ ମାତ୍ର ୬ ରନ କରିପାରିଥିଲେ। ସେବେଠାରୁ, ସେ ତିନୋଟି ଇନିଂସରେ ୬, ୪ ଏବଂ ୪ ବଲର ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ଅଧିକାଂଶ ସମୟରେ ନମ୍ବର ୭ ସ୍ଥାନ ଦିଆଯାଇଛି, କିନ୍ତୁ ୱାଶିଂଟନ ସୁନ୍ଦରଙ୍କ ଆଗମନ ସମ୍ଭାବ୍ୟ ଭାବରେ ପ୍ଲେଇଂ ଇଲେଭେନରୁ ରିଙ୍କୁଙ୍କୁ ବାଦ ଦେବାକୁ ବାଧ୍ୟ କରିପାରେ। ରିଙ୍କୁ ବହୁତ ବଲର ସମ୍ମୁଖୀନ ହୋଇନାହାଁନ୍ତି ଏବଂ ବିଶେଷ ପ୍ରଭାବ ପକାଇ ନାହାନ୍ତି। ତଥାପି, ୱାଶିଂଟନ ସୁନ୍ଦର ବ୍ୟାଟିଂରେ ମଧ୍ୟ ସମାନ ଭୂମିକା ଗ୍ରହଣ କରିପାରିବେ, ଏବଂ ସେ ଆସିବା ପରି ବୋଲିଂ ବିକଳ୍ପ ମଧ୍ୟ ଖୋଲିଥାଏ।

ଅର୍ଶଦୀପ ସିଂହ : ଅର୍ଶଦୀପ ସିଂହଙ୍କ ଖେଳିବା ନ ଖେଳିବା ତାହା ପିଚ୍ ପରିସ୍ଥିତି ଉପରେ ନିର୍ଭର କରିପାରେ। ଶ୍ରୀଲଙ୍କାରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଅର୍ଶଦୀପଙ୍କୁ ଛାଡ଼ି ଜଣେ ଅତିରିକ୍ତ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଇ ଥିଲା। ଏପର୍ଯ୍ୟନ୍ତ ଖେଳାଯାଇଥିବା ମ୍ୟାଚଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଜସପ୍ରିତ ବୁମରାହ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଦୁଇ ମୁଖ୍ୟ ପେସର ଭୂମିକା ନିର୍ବାହ କରୁଛନ୍ତି। ଭାରତର ପ୍ରଥମ ସୁପର ୮ ମ୍ୟାଚ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ, କିନ୍ତୁ ଦ୍ୱିତୀୟ ମ୍ୟାଚ୍ ଚେନ୍ନାଇରେ ଖେଳାଯିବ, ଯେଉଁଠାରେ ସ୍ପିନର ମାନେ ବିକଶିତ ହୁଅନ୍ତି। ଭାରତୀୟ ଦଳ ପରିଚାଳନା ଅର୍ଶଦୀପଙ୍କୁ ଛାଡ଼ି ଜଣେ ଅତିରିକ୍ତ ସ୍ପିନରଙ୍କୁ ଖେଳାଇଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

# କଳିଙ୍ଗ ଷ୍ଟାଡ଼ିୟମରେ ହେବ ପ୍ରଥମ ଜାତୀୟ ଇନ୍‌ଡୋର ଦୌଡ଼କୁଦ

**ଭୁବନେଶ୍ୱର**

ପ୍ରଥମ ଥର ଲାଗି ହେବାକୁ ଥିବା ଜାତୀୟ ଇନ୍‌ଡୋର୍ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ମଧ୍ୟରେ ଥିବା ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବ। ଏହି ପ୍ରତିଯୋଗିତା ଆସନ୍ତାମାସ ୨୩ ଓ ୨୪ ତାରିଖ ଦୁଇଦିନ ଧରି ହେବ। ଏଥିରେ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୦ ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ ପୁରୁଷ ଓ ମହିଳା ପ୍ରତିଯୋଗୀ ନିଜ ନିଜ ବର୍ଗରେ ଅଂଶଗ୍ରହଣ କରିବେ।

ଏହି ୪ ବର୍ଗର ପ୍ରତିଯୋଗୀ ୬୦, ୪୦୦, ୮୦୦, ୩୦୦୦ ମିଟର ଦୌଡ଼ ଏବଂ ଲଙ୍ଗ୍‌ଜମ୍ପ୍, ହାଇଜମ୍ପ୍ ଓ ସଟ୍‌ପୁଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହା ବାଦ୍ ପୁରୁଷ ଓ ମହିଳାରେ ୧୫୦୦ ମିଟର ଦୌଡ଼, ଟ୍ରିପଲ୍ ଜମ୍ପ୍ ଓ ପୋଲ୍‌ଭୋଲ୍ଟ ଖେଳାଯିବ। ଏହି ଷ୍ଟାଡିୟମ୍‌ରେ ଅଭ୍ୟାସ କରି ଭାରତୀୟ ଖେଳାଳି ଚଳିତ ମାସରେ ଚୀନ୍‌ରେ ହୋଇଥିବା ଏସୀୟ ଇନ୍‌ଡୋର୍ ମିଟ୍‌ରରେ ଭାଗନେବାକୁ ଯାଇଥିଲେ।



ସୂଚନାଯୋଗ୍ୟ ଯେ ଏହି ଷ୍ଟାଡିୟମ୍ ୨୦୨୮ ବିଶ୍ୱ ଇନ୍‌ଡୋର୍ ପ୍ରତିଯୋଗିତା ଦୌଡ଼ରେ ରହିଛି। ନିକଟରେ ବିଶ୍ୱ ଦୌଡ଼କୁଦ ଓ ଭାରତୀୟ ଦୌଡ଼କୁଦ ମହାସଂଘର ପ୍ରତିନିଧିମାନେ ଏହି ଷ୍ଟାଡିୟମ୍‌ର ଭିତ୍ତିଭୂମି ତଦାରଖ କରିଥିଲେ। ଏଥିସହ କ୍ରୀଡ଼ାମନ୍ତ୍ରୀ ଏବଂ କ୍ରୀଡ଼ାବିଭାଗର ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।





# ମାଟି ଅତଡ଼ା ଖସି ଶ୍ରମିକଙ୍କ ମୃତ୍ୟୁ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ବୁଢ଼ୀକୁଦ ଗାଁ ନିକଟରେ ଚାଲିଥିବା ଜମିକୁ ଜଳ ସିଞ୍ଚନ ପ୍ରକଳ୍ପ କର୍ଯ୍ୟରେ ଶୁକ୍ରବାର ଅଘଟଣ ଘଟିଛି । ୧୫ ଫୁଟ୍ ଗାତରେ ପାଇପ୍ ଖଞ୍ଜା କାମ ସମୟରେ ମାଟି ଅତଡ଼ା ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ସ୍ଥାନୀୟ ସନ୍ତୋଷପୁର ଗାଁର ସୁଦର୍ଶନ ନାଏକ । ଗୁରୁତର ଶ୍ରମିକ ହେଲେ କୁନା ନାଏକ । ମୃତକଙ୍କ ବାପା ସୁଶାନ୍ତ ନାଏକ ଠିକାସଂସ୍ଥାକୁ ଦାୟୀକରି ଥାନାରେ ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, ବୁଢ଼ୀକୁଦ ଗାଁ ନିକଟରେ ଠିକାସଂସ୍ଥା ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ଶୁକ୍ରବାର ୧୫ଫୁଟ୍ ଗଭୀର ଗାତରେ ପାଇପ୍‌ଲାଇନ ଖଞ୍ଜା କାମ ଚାଲିଥିଲା । ଏହି ସମୟରେ ମାଟି ଅତଡ଼ା ଖସି ସୁଦର୍ଶନ ଓ କୁନାଙ୍କ ଉପରେ ପଡ଼ିଥିଲା । ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ପରିବାର ଲୋକେ ଠିକାସଂସ୍ଥାକୁ ଦାୟୀ କରିଛନ୍ତି । ବିନା ସୁରକ୍ଷାରେ ଶ୍ରମିକମାନେ ଗର୍ତ୍ତରେ ପଶି ନିଜ ଜୀବନକୁ ବିପଦରେ ପକାଇ ପାଇପ୍‌ଲାଇନ ଖଞ୍ଜୁଥିଲେ । କାର୍ଯ୍ୟସ୍ଥଳରେ ମାଟି ଅତଡ଼ା ପ୍ରତିରୋଧକ ଉପକରଣ ମହଜୁଦ ଥିଲେ ହେଁ କାମରେ ଲଗାଯାଉନାହିଁ ।

ଏପରିକି ଶ୍ରମିକ କାମ କରିବା ସମୟରେ ସେଠାରେ ସାଇଡ୍ ସୁପରଭାଇଜର ଓ ସୁରକ୍ଷା ଅଧିକାରୀ ମଧ୍ୟ ଅନୁପସ୍ଥିତ ଥିଲେ । ଫଳରେ ଏଭଳି ଅଘଟଣ ଘଟିଲା ବୋଲି ଅଭିଯୋଗ ହୋଇଛି । କମ୍ପାନୀର ଏଭଳି ଖାମଖିଆଲି ମନୋଭାବ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି । ଆନନ୍ଦପୁର ଥାନା ଏଏସ୍‌ଆଇ ନାରାୟଣ ପ୍ରସାଦ ମହାପାତ୍ର କହିଛନ୍ତି, ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ସାର ଓ ଖାଦ୍ୟଶସ୍ୟ ଲୋଡିଂ ବୃଦ୍ଧି ସହ ପୂର୍ବତଟ ରେଳପଥ କୃଷି ଯୋଗାଣ ଶୃଙ୍ଖଳାକୁ କରୁଛି ମଜଭୁତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ଏପ୍ରିଲ-ଜାନୁଆରୀ ୨୦୨୫-୨୬ରେ ମାଲ୍ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି, ଏବଂ ୨୦୨୪-୨୫ର ସମାନ ଅବଧିରେ ୧୮୧.୨୪ ମିଲିଅନ ଟନ ତୁଳନାରେ ୧୯୯.୫୦ ମିଲିୟନ ଟନ୍ ପ୍ରମୁଖ ସାମଗ୍ରୀ ପରିଚାଳନା କରିଛି । ଏହି ନିରନ୍ତର ବୃଦ୍ଧି ଜୋନର ଦୃଢ଼ କାର୍ଯ୍ୟକ୍ଷମତା ଏବଂ ଅର୍ଥନୀତିର ପ୍ରମୁଖ କ୍ଷେତ୍ରଗୁଡ଼ିକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରୁଛି ।

କୋଇଲା ଏବଂ ଲୁହା ପଥର ମାଲ ପରିବହନର ମୁଖ୍ୟ ଆଧାର ରହିଥିବାବେଳେ, ସାର ଏବଂ ଖାଦ୍ୟ ଶସ୍ୟ ଲୋଡିଂରେ ଉଲ୍ଲେଖନୀୟ ବୃଦ୍ଧି କୃଷି ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ପୂର୍ବତଟ ରେଳପଥର ବର୍ଦ୍ଧିତ ଅବଦାନକୁ ଉଲ୍ଲେଖ କରୁଛି ।

ସାର ଲୋଡିଂରେ ଉଲ୍ଲେଖନୀୟ ବୃଦ୍ଧି ପଞ୍ଜିକରଣ : ୨୦୨୫-୨୬ ଏପ୍ରିଲ-ଜାନୁଆରୀ ମଧ୍ୟରେ ସାର ଲୋଡିଂ ଗତ ବର୍ଷ ସମାନ ଅବଧିରେ ୫.୮୨ ମିଲିଅନ ଟନ ତୁଳନାରେ ୮.୨୨ ମିଲିଅନ ଟନକୁ ବୃଦ୍ଧି ପାଇଛି । ଏହି ଅଭିବୃଦ୍ଧି ମୁଖ୍ୟତଃ ଓଡ଼ିଶାର ପାରାଦୀପ ଏବଂ ଧାମରା ବନ୍ଦରରେ ଉନ୍ନତ ପରିଚାଳନା ଦ୍ୱାରା ପରିଚାଳିତ ହୋଇଥିଲା । ଆନ୍ଧ୍ର ପ୍ରଦେଶରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି । ବିଶାଖାପଟ୍ଟଣମ ଓ ଗଙ୍ଗାବରମ ବନ୍ଦରରୁ କାର୍ଯ୍ୟକ୍ଷମ ପରିବହନ ବ୍ୟବସ୍ଥା ଫଳରେ ସାର ଲୋଡିଂ ୨.୧୧ ମିଲିଅନ ଟନ୍‌ରୁ ବଢ଼ି ୩.୭୧ ମିଲିଅନ ଟନ୍‌କୁ ପହଞ୍ଚିଛି ।

ଏହି ଉଲ୍ଲେଖନୀୟ ବୃଦ୍ଧି ପୂର୍ବତଟ ରେଳପଥର ସାରର ସମୟୋଚିତ ପରିବହନ ସୁନିଶ୍ଚିତ କରିବା ପାଇଁ ଧ୍ୟାନ କେନ୍ଦ୍ରିତ ପ୍ରୟାସକୁ ପ୍ରତିଫଳିତ କରେ, ବିଶେଷ କରି କୃଷି ଋତୁରେ । ଉନ୍ନତ ରେକ୍ ଯୋଜନା, ସାର କମ୍ପାନୀଗୁଡ଼ିକ ସହିତ ଘନିଷ୍ଠ ସମନ୍ୱୟ ଏବଂ ଉନ୍ନତ ଟର୍ମିନାଲ୍ ଦକ୍ଷତା ଏହି ଅଭିବୃଦ୍ଧି ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ଖାଦ୍ୟ ଶସ୍ୟ ପରିବହନ ଖାଦ୍ୟ ସୁରକ୍ଷାକୁ ମଜବୁତ କରେ : ଖାଦ୍ୟ ଶସ୍ୟ ଲୋଡିଂରେ ମଧ୍ୟ ଉତ୍ସାହଜନକ ଅଭିବୃଦ୍ଧି ଦେଖାଇଛି, ୨୦୨୪-୨୫ ଏପ୍ରିଲ-ଜାନୁଆରୀରେ ଏହା ୨.୩୭ ମିଲିଅନ ଟନ୍‌ରୁ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ୨.୭୩ ମିଲିଅନ ଟନକୁ ବୃଦ୍ଧି ପାଇଛି ।

କେବଳ ଓଡ଼ିଶା ୧.୮୨ ମିଲିଅନ ଟନ ଯୋଗଦାନ କରିଥିବାବେଳେ ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ ମଧ୍ୟ ଶସ୍ୟ ପରିବହନରେ ଉନ୍ନତି ପଞ୍ଜୀକୃତ କରିଥିଲେ । ଖାଦ୍ୟ ଶସ୍ୟ ପରିବହନରେ ନିରନ୍ତର ଅଭିବୃଦ୍ଧି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ)କୁ ସମର୍ଥନ କରିବା ସହିତ ବିଭିନ୍ନ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ।

ସମୟୋଚିତ ରେକ୍ ପ୍ଲେସମେଣ୍ଟ, ଦ୍ରୁତ ୱାଗନ୍ ଟର୍ଣ୍ଣଆଉଣ୍ଡ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ପ୍ରାଥମିକତା ପରିଚାଳନା ଏହି



ପ୍ରଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି ।

ସିମେଣ୍ଟ ଲୋଡିଂରେ ମଧ୍ୟ ସକାରାତ୍ମକ ଉନ୍ନତି ବଜାୟ ରଖିଛି : ୨୦୨୫-୨୬ ଏପ୍ରିଲ-ଜାନୁଆରୀ ମଧ୍ୟରେ ସିମେଣ୍ଟ ଲୋଡିଂ ୦.୮୯ ମିଲିଅନ ଟନ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ସମାନ ଅବଧିରେ ୦.୭୯ ମିଲିଅନ ଟନ ଥିଲା । ଏହି ବୃଦ୍ଧି ଭିତ୍ତିଭୂମି ଏବଂ ନିର୍ମାଣ କ୍ଷେତ୍ରରୁ ସ୍ଥିର ଚାହିଦାକୁ ସୂଚିତ କରେ ଏବଂ ପୂର୍ବତଟ ରେଳପଥ ଏବଂ ସିମେଣ୍ଟ ନିର୍ମାତାଙ୍କ ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟକୁ ପ୍ରତିଫଳିତ କରେ ।

ପେଟ୍ରୋଲିୟମ ଜାତୀୟ ଦ୍ରବ୍ୟ ପରିବହନରେ ସ୍ଥିର ଅଭିବୃଦ୍ଧି : ପେଟ୍ରୋଲିୟମ୍, ତୈଳ ଏବଂ ଲୁବ୍ରିକେଣ୍ଟ୍ (ପିଓଏଲ) ଲୋଡିଂ ଚଳିତ ଅବଧିରେ ୨.୭୦ ମିଲିଅନ ଟନ୍‌ରେ ପହଞ୍ଚିଛି, ଯାହା ଗତ ବର୍ଷ ୨.୪୭ ମିଲିଅନ ଟନ୍ ଥିଲା । ବନ୍ଦର ଏବଂ ଟର୍ମିନାଲ ଗୁଡିକରେ ଦକ୍ଷ ପରିଚାଳନା ଇନ୍ଧନ ଉତ୍ପାଦଗୁଡ଼ିକର ସୁଗମ ଏବଂ ନିରବଚ୍ଛିନ୍ନ ଗତିବିଧିକୁ ସୁନିଶ୍ଚିତ କରିଛି, ପରିବହନ, କୃଷି ଏବଂ ଶିଳ୍ପ କାର୍ଯ୍ୟକଳାପକୁ ମଜଭୁତ ସମର୍ଥନ ଯୋଗାଇଛି ।

ଫିନିସ୍ଡ ଇସ୍ପାତ ରେକର୍ଡ ଦୃଢ଼ ଅଭିବୃଦ୍ଧି : ଫିନିସ୍ଡ ଇସ୍ପାତ ଲୋଡିଂରେ ଯଥେଷ୍ଟ ବୃଦ୍ଧି ପଞ୍ଜିକୃତ କରିଛି, ଯାହା ଗତ ବର୍ଷ ସମାନ ଅବଧିରେ ୧୭.୦୯ ମିଲିଅନ ଟନ ତୁଳନାରେ ୨୨.୩୧ ମିଲିଅନ ଟନ୍‌ରେ ପହଞ୍ଚିଛି । ଏହି ଅଭିବୃଦ୍ଧି ଓଡ଼ିଶା ଏବଂ ଛତିଶଗଡ଼ର ଇସ୍ପାତ କାରଖାନାରୁ ଉନ୍ନତ ଉତ୍ପାଦନ ଏବଂ ନିଷ୍କାସନକୁ ପ୍ରତିଫଳିତ କରୁଛି, ଯାହା ଇସ୍ପାତ ଶିଳ୍ପ ଏବଂ ସମ୍ପୃକ୍ତ କ୍ଷେତ୍ରଗୁଡ଼ିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଭୂମିକାକୁ ଆହୁରି ମଜଭୁତ କରିଛି ।

କୋଇଲା ଏବଂ ଲୁହାପଥର ଲୋଡିଂରେ ଅବିରତ ଅଗ୍ରଗତି : ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦର ଗୁଡିକର ପ୍ରମୁଖ ଅବଦାନ ସହିତ କୋଇଲା ଲୋଡିଂ ଗତ ବର୍ଷ ୧୨୬.୬୪ ମିଲିଅନ ଟନ୍‌ରୁ ୧୩୧.୪୪ ମିଲିଅନ ଟନ ରେ ପହଞ୍ଚିଛି । ଲୁହାପଥର ଲୋଡିଂ ମଧ୍ୟ ୨୬.୦୬ ମିଲିଅନ ଟନ୍‌ରୁ ୩୧.୨୨ ମିଲିଅନ ଟନ୍‌ରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି, ଯାହା ଖଣି ଏବଂ ଇସ୍ପାତ ଶିଳ୍ପକୁ ପୂର୍ବତଟ ରେଳପଥର ନିରନ୍ତର ସମର୍ଥନକୁ ପ୍ରଦର୍ଶନ କରୁଛି ।

ରାଷ୍ଟ୍ର ନିର୍ମାଣ ପ୍ରତି ପ୍ରତିବଦ୍ଧତା : ସାର ଏବଂ ଖାଦ୍ୟ ଶସ୍ୟ ଲୋଡିଂରେ ବୃଦ୍ଧି ପୂର୍ବତଟ ରେଳପଥର କେବଳ ଶିଳ୍ପ ବିକାଶ ନୁହେଁ ବରଂ କୃଷି ସମୃଦ୍ଧି ଏବଂ ଖାଦ୍ୟ ସୁରକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ମଧ୍ୟ ଦର୍ଶାଉଛି । ସିମେଣ୍ଟ, ପେଟ୍ରୋଲିୟମ ଜାତୀୟ ଦ୍ରବ୍ୟ ଏବଂ ଫିନିସଡ୍ ଇସ୍ପାତରେ ଦୃଢ଼ ପ୍ରଦର୍ଶନ ସହିତ, ପୂର୍ବତଟ ରେଳପଥ ଅର୍ଥନୀତିର ଏକାଧିକ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ୍ ମେରୁଦଣ୍ଡ ଭାବରେ କାର୍ଯ୍ୟ ଜାରି ରଖିଛି ।

ନିରନ୍ତର ଭିତ୍ତିଭୂମି ବିକାଶ, ପରିଚାଳନାଗତ ଉନ୍ନତି ଏବଂ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସମନ୍ୱୟ ମାଧ୍ୟମରେ, ପୂର୍ବତଟ ରେଳପଥ ଦକ୍ଷ, ନିର୍ଭରଯୋଗ୍ୟ ଏବଂ ସମୟୋଚିତ ପଣ୍ୟ ପରିବହନ ସେବା ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ ହୋଇ ରହିଛି, ଯାହା ଓଡ଼ିଶା ଏବଂ ଦେଶର ଆର୍ଥିକ ଅଭିବୃଦ୍ଧିରେ ଅର୍ଥନୈତିକ ଅଭିବୃଦ୍ଧିରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି ।

# କଟକ ଗୁଳିକାଣ୍ଡ : ୫ ଗିରଫ, ଚିଡ଼ାଇବା ପାଇଁ ରିଙ୍କୁ ଜେନାଙ୍କୁ ଗୁଳି କରି ହତ୍ୟା : ଡିସିପି

**କଟକ, ନ୍ୟୁଜ୍‌ବ୍ୟୁରୋ**

ଅଚାନକ ଗୁଳି ମାରିଦେଲେ । କଟକ ରିଙ୍କୁ ଜେନା ହତ୍ୟା ଘଟଣାର ପର୍ଦ୍ଦାଫାସ୍ କରି ଏଭଳି ସୂଚନା ଦେଇଛନ୍ତି କଟକ ଡିସିପି । ହତ୍ୟା ମାମଲାରେ ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଯେ ଚିଡ଼ାଇବା ପାଇଁ ଝଗଡ଼ା ପରେ ରିଙ୍କୁ ଜେନାଙ୍କୁ ଗୁଳି କରି ହତ୍ୟା କରାଯାଇଛି । ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ପାଞ୍ଚ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି, ଡିସିପି ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି । ଡିସିପିଙ୍କ ଅନୁଯାୟୀ, ସାଧାରଣ କଥାବାର୍ତ୍ତାରୁ ଯାହା ଆରମ୍ଭ ହୋଇଥିଲା ତାହା ଶୀଘ୍ର ତୀବ୍ର ରୂପ ନେବା ପରେ ତାହା ଅଭିଯୋଗ ଏବଂ ପ୍ରତିଆରୋପରେ ପରିଣତ ହୋଇଥିଲା, ଯାହା ଶେଷରେ ଗୁଳିକାଣ୍ଡର କାରଣ ହୋଇଥିଲା । ଗୁଳିକାଣ୍ଡ ପରେ, ରିଙ୍କୁକୁ




ତୁରନ୍ତ ଡାକ୍ତରଖାନା ନିଆଯାଇ ନଥିଲା । ବରଂ, ଅଭିଯୁକ୍ତମାନେ ଅନ୍ୟମାନଙ୍କୁ ଦାୟିତ୍ୱରୁ ଖସିଯିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଛି । ସମୟୋଚିତ ଚିକିତ୍ସା ଯୋଗାଇବାରେ ବିଳମ୍ବ ଘାତକ ସାବ୍ୟସ୍ତ ହୋଇଥିଲା, ଯାହା ଫଳରେ ରିଙ୍କୁର ମୃତ୍ୟୁ ଘଟିଥିଲା । ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ହୁକୁ ଓରଫ ଉତ୍କଳ କେଶରୀ ପସାୟତ ଭାବରେ ଚିହ୍ନଟ କରିଛି, ଯିଏ ରିଙ୍କୁଙ୍କ ଉପରେ ଗୁଳି ଚଳାଇଥିଲା ବୋଲି ଅଭିଯୋଗ କରିଛି । ଅନ୍ୟ ଜଣେ ଅଭିଯୁକ୍ତ, ନନ୍ଦୁ ଓରଫ ଅଭିଜିତ ମହାନ୍ତି ଘଟଣାସ୍ଥଳକୁ ବନ୍ଧୁକ ଆଣିଥିବା ସୂଚନା ମିଳିଛି । ଉଲ୍ଲେଖନୀୟ ଯେ, ନନ୍ଦୁ ମଧ୍ୟ ଭୁବନେଶ୍ୱରରେ ଏକ ପୃଥକ ମାମଲାରେ ଜଡ଼ିତ ଥିଲା । ଡିସିପି ଆହୁରି ସୂଚନା ଦେଇଛନ୍ତି ଯେ ଘଟଣା ସମୟରେ ସମସ୍ତ ଅଭିଯୁକ୍ତ ନିଶାସକ୍ତ ଥିଲେ । ତଦନ୍ତର ଅଂଶ ସ୍ୱରୂପ ଘଟଣାର ସିସିଟିଭି ଫୁଟେଜ୍ ମଧ୍ୟ ପୋଲିସ ପାଇଛି । 'ଘଟଣା ଦିନ ସେମାନଙ୍କ ମଧ୍ୟରୁ ଛଅ ଜଣ ମଦ ପିଇବା ପାଇଁ ଏକାଠି ହୋଇଥିଲେ । ଗୋଷ୍ଠୀ ମଧ୍ୟରେ କିଛି ଚିଡ଼ାଇ ଦେବା ପରେ, ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁକର ଟ୍ରିଗର ଟାଣିଲେ, ଏବଂ ରିଙ୍କୁଙ୍କ ଛାତି ମଝିରେ ଗୁଳି ବାଜିଲା । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ନଥିଲା', କଟକ ଡିସିପି ଋଷିକେଶ ଖିଲାରୀ କହିଛନ୍ତି ।

# ଚଳିତ ବଜେଟ୍ ନିରାଶାଜନକ : ପିସିସି ସଭାପତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖାଲି ବଜେଟର କଳେବର ବୃଦ୍ଧି କରିଚାଲିଲେ ହୁଏନାହିଁ । ଯେଉଁ ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ମୋଟ ବ୍ୟୟବରାଦର ମାତ୍ର ୫୭ ପ୍ରତିଶତ ଖର୍ଚ୍ଚ କରିପାରିଛନ୍ତି, ସେ ସରକାର ଏଥର ଆସନ୍ତା ଆର୍ଥିକ ବର୍ଷ ପାଇଁ ୨୦ ହଜାର କୋଟିର ଅଧିକ ବ୍ୟୟବରାଦ କଲେ କିଛି ଖୁସି ହେବାର ନାହିଁ । ହାତୀ ଭଳି ବଜେଟ, ପିମ୍ପୁଡ଼ି ଭଳି ଖର୍ଚ୍ଚ । ମାତ୍ର ୨ଟି ବଜେଟରେ ଯେଉଁ ସରକାର ରାଜ୍ୟର ଋଣଭାରକୁ ୯୧ ହଜାର କୋଟି ଟଙ୍କାରେ ପହଞ୍ଚାଇଲେଣି ସେହି ସରକାରଙ୍କ ହାତରେ ରାଜ୍ୟ ବାସୀ ସୁରକ୍ଷିତ ତ ବୋଲି ପ୍ରଶ୍ନ କରିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ ।

ଶୁକ୍ରବାର ଏକ ପ୍ରେସ ବିବୃତ୍ତି ଜରିଆରେ ଶ୍ରୀ ଦାସ କହିଛନ୍ତି, ୨୦୨୬-୨୦୨୭ ବର୍ଷର ବଜେଟ୍ ଏକ ନିରାଶାଜନକ ବଜେଟ୍ ଅଟେ । ବଜେଟ୍‌ର ଆକାର କେବଳ ୨ ଲକ୍ଷ ୯୦ ହଜାର କୋଟିରୁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବଜେଟ୍ ବ୍ୟୟବରାଦର ମାତ୍ର ୫୭% ଖର୍ଚ୍ଚ ହୋଇଛି । କ'ଣ ସେମାନେ ଆସନ୍ତା ୫ ସପ୍ତାହ ମଧ୍ୟରେ ଅବଶିଷ୍ଟ ୪୩% ଖର୍ଚ୍ଚ କରିପାରିବେ ୪୨ଟି ବିଭାଗ ମଧ୍ୟରୁ ୨୨ଟି ବିଭାଗର ବ୍ୟୟ ୫୦%ରୁ କମ୍ । ସେହିଭଳି ପୂର୍ବର ବଳକା ୭୦,୦୦୦ କୋଟି ଟଙ୍କା ତ ଆଦୌ ଖର୍ଚ୍ଚ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି । ଯଦି ସରକାର ବଜେଟ୍ ଅର୍ଥ ଖର୍ଚ୍ଚ କରିବେ ନାହିଁ, ତେବେ ରାଜ୍ୟର ବିକାଶ କିପରି ହେବ? ରାଜ୍ୟରେ ବେକାରୀ ସମସ୍ୟା ସବୁଠାରୁ ଅଧିକ । ଏହି ବଜେଟ୍‌ରେ ଏହାର ସୁଧାର ପାଇଁ କୌଣସି ସଙ୍କେତ ଦେଖାଯାଉ ନାହିଁ । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଶରେ ସବୁଠାରୁ ଖରାପ । ୨୦୦୫ ବେଳକୁ ଦେଶରେ ରାଜ୍ୟର ସ୍ଥିତି ଯାହା ଥିଲା, ଏବେ ମଧ୍ୟ ସେଇଆ । ସେତେବେଳେ ମୁଣ୍ଡପିଛା ଆୟ ୩୪ ହଜାର ଟଙ୍କା ଥିଲା ଓ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସବୁଠୁ ତଳେ ଥିବା ରାଜ୍ୟମାନଙ୍କ ମଧ୍ୟରେ ଥିଲା । ଏବେ ୧୨ଟି ରାଜ୍ୟରେ ବାର୍ଷିକ ମୁଣ୍ଡପିଛା ଆୟ ୩ ଲକ୍ଷ ଟଙ୍କା ଟପିଲାଣି । ଅଥଚ ଓଡ଼ିଶାରେ ଲୋକଙ୍କ ମୁଣ୍ଡପିଛା ଆୟ ମାତ୍ର ୧ ଲକ୍ଷ ୮୭ ହଜାର ଟଙ୍କା । ସରକାର ଅଧିକରୁ ଅଧିକ ବିଶ୍ୱବିଦ୍ୟାଳୟ ଖୋଲି ଚାଲିଛନ୍ତି, କିନ୍ତୁ ସେହି ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଏବଂ ଶିକ୍ଷକ ନିଯୁକ୍ତି କରିବାରେ ବିଫଳ ହୋଇଛନ୍ତି । ଆଶ୍ଚର୍ଯ୍ୟର କଥା, ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ନୂଆ ବଜେଟର ସାମାନ୍ୟତମ ସୂଚନା ନାହିଁ । ଗତ ୨୦ ମାସ ମଧ୍ୟରେ ବର୍ତ୍ତମାନର ସରକାର କେବଳ ମିଥ୍ୟା ପ୍ରଚାର ଉପରେ ଚାଲିଛନ୍ତି । କିନ୍ତୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ବୋଲି କହିଛନ୍ତି ଶ୍ରୀ ଦାସ ।

ଓଡ଼ିଶାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଗତ ବଜେଟ୍ ସମ୍ପର୍କରେ ଶ୍ରୀ ଦାସ ଆହୁରି କହିଛନ୍ତି, ଗତବର୍ଷର ମୂଳ ବଜେଟ୍: ୨.୯ ଲକ୍ଷ କୋଟି ଟଙ୍କା ଥିଲା । ଋଣ ଭାର ଥିଲା ୪୭ ହଜାର ୪୦୦ କୋଟି ଟଙ୍କା । ଖୋଲା ବଜାରରୁ ଋଣ: ୩୮% । ୨ଟି ବଜେଟ୍‌ର ମୋଟ ଋଣ ଭାର ୯୧ ହଜାର କୋଟି ଟଙ୍କାରେ ପହଞ୍ଚିଲାଣି । ପୁଣି ପ୍ରସ୍ତାବିତ ଋଣ ଭାର: ୫୬,୦୦୦ କୋଟି ଟଙ୍କା । ପୁଞ୍ଜିଗତ ବ୍ୟୟ ମାତ୍ର ୪୭% ଖର୍ଚ୍ଚ ହୋଇଛି । ତେଣୁ ଏହା ଏକ ଅପାରଗ ସରକାର । ମୂଳ ବଜେଟ୍ ଅର୍ଥ ଅବ୍ୟବହୃତ ହୋଇ ପଡ଼ିଥିବାରୁ ଅତିରିକ୍ତ ବଜେଟ୍ ର କୌଣସି ଆବଶ୍ୟକତା ନାହିଁ । ୮୦୦୦ କୋଟି ବାକି କେନ୍ଦ୍ର ଦଉନି, ଅଥଚ ଏମାନେ ଡବଲ ଇଞ୍ଜିନ ସରକାର କଥା କହି ବାହାଦୁରି ମାରିବାରେ ବ୍ୟସ୍ତ । ସରକାର ନିଜକୁ ସୁଧାରନ୍ତୁ, ନହେଲେ ଲୋକେ ଦଣ୍ଡ ଦେବା ଥୟ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩.୧୦ ଲକ୍ଷ କୋଟିର ...

ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । କେନ୍ଦ୍ରାପଡା ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ସହିତ ପାରାଦ୍ୱୀପ ଓ ବଲାଙ୍ଗୀରରେ ଦୁଇଟି ନୂଆ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ଏବଂ ମୟୂରଭଞ୍ଜ ବଲାଙ୍ଗୀରରେ ନୂତନ କୃଷି ମହାବିଦ୍ୟାଳୟ, ଚିପିଲିମାରେ ନୂତନ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ, ସୋନପୁରରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ସେହିପରି ଗଜପତି, ମାଲକାନଗିରି, ରାୟଗଡାରେ ତିନୋଟି ନୂଆ ଆୟୁର୍ବେଦିକ ମେଡିକାଲ୍ କଲେଜ, ନୟାଗଡ ଓ ନୂଆପଡାରେ ଦୁଇଟି ନୂଆ ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା ହେବ । ଦକ୍ଷିଣ ଓଡ଼ିଶା ବିକାଶ ଯୋଜନା ଅଧିନରେ ୩ବର୍ଷରେ ୨୪୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ । ରେୟାର ଆର୍ଥ କରିଡର ପାଇଁ ୧୦ କୋଟି ଟଙ୍କା, ଓଡ଼ିଶା ଏଆଇ ମିଶନ ପାଇଁ ୨୩ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ ପାଇଁ ୧୦୦ କୋଟି ଟଙ୍କା । ନୂତନ ସିଏସ୍‌ଏସ୍ ଯୋଜନା ବିକଶିତ ଭାରତ-ରୋଜଗାର ଓ ଆଜିବିକା ମିଶନ (ଗ୍ରାମୀଣ) (ବି.ଭି. ଜୀ.ରାମ ଜୀ) ପାଇଁ ୫୫୭୫ କୋଟି, ସଂଯୋଗ ହୋଇନଥିବା ଜନବସତିକୁ ସଂଯୋଗ ସୁନିଶ୍ଚିତ କରିବା ପାଇଁ ୧୦୦୦ କୋଟି ସମସ୍ତ ଅସମ୍ପୂର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ରକୁ ସଂପୂର୍ଣ୍ଣ କରିବା ପାଇଁ ୬୩୫ କୋଟି, ଅଦୌଗିକ ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଣ୍ଠି ପାଇଁ ୩୨୦ କୋଟି । ସମନ୍ୱିତ ଜଳନିଷ୍କାସନ ଉନ୍ନତି ଓ ଆଧୁନିକିକରଣ ପାଇଁ ୨୩୫ କୋଟି ଜୀବିକା ବୃଦ୍ଧି ଅଧିନରେ ୨୨୦ କୋଟି, ଓଡ଼ିଶା ସାମୁଦ୍ରିକ ବୋର୍ଡ ପାଇଁ ୨୦୦ କୋଟି, ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି ନିମନ୍ତେ ୧୫୦ କୋଟିର ବ୍ୟବସ୍ଥା କରାଯାଇଛି । ସେହିପରି ଭୁବନେଶ୍ୱରରେ ସାଇନ୍ସ ସିଟି ପ୍ରତିଷ୍ଠା କରାଯିବ । ଏହି ବଜେଟ୍‌ରେ ତିନୋଟି ଏକ୍ସପ୍ରେସ୍ ୱେ ( କୋରାପୁଟ ଜିଲ୍ଲାର ଜୟପୁର-ବ୍ରହ୍ମପୁର ସହିତ ସଂଯୋଗ ପାଇଁ ପ୍ରାୟ ୯ ହଜାର କୋଟି ଟଙ୍କାର ବ୍ୟୟରେ ୨୮୭ କିଲୋମିଟର ଦୈର୍ଘ୍ୟ ବ୍ରହ୍ମପୁର ଓ ଜୟପୁର ରାସ୍ତା, ନମୋ ଏକ୍ସପ୍ରେସ୍ ୱେ (୯୬୭୬ କିଲୋମିଟର)-ପୂର୍ବ ପଶ୍ଚିମ କରିଡର ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିକୁ ବରଗଡ ଜିଲ୍ଲାର ଆମ୍ଭାତୋଡା ସହିତ ସଂଯୋଗ କରିବ ଏବଂ ଅଟଳ ଏକ୍ସପ୍ରେସ୍ ୱେ (୯୬୯ କିଲୋମିଟର) ଉତ୍ତର ଦକ୍ଷିଣ କରିଡର, ମାଲକାନଗିରି ଜିଲ୍ଲାର ମୋଟୁ-ମୟୂରଭଞ୍ଜନ ଜିଲ୍ଲାର ତିରିଙ୍ଗି ସହିତ ସଂଯୋଗ କରିବ । ଆଗାମୀ ପିଢିର ଆବଶ୍ୟକତା ପୂରଣ ପାଇଁ ଭୁବନେଶ୍ୱରରେ ନୂତନ ସରକାରୀ ଭିତ୍ତିଭୂମି ନିର୍ମାଣ, ବିଭିନ୍ନ କାର୍ଯ୍ୟପାଇଁ ରାଜଧାନୀକୁ ଆସୁଥିବା ବିଭିନ୍ନ ଜିଲ୍ଲାରୁ ଆସୁଥିବା ଲୋକଙ୍କ ପାଇଁ ଭୁବନେଶ୍ୱରରେ ଗେଷ୍ଟ ହାଉସ୍ ଜନ ଆଶ୍ରୟ ଭବନ, ନୂତନ ରାଜ୍ୟ ବିଧାନସଭା, ନୂତନ ରାଜ୍ୟ ଲୋକସେବା ଭବନ । ଏକ ନୂତନ ବିଶ୍ୱସ୍ତରୀୟ ସଂଗ୍ରହାଳୟ, ଓଡ଼ିଶା ମଣ୍ଡପ ସମ୍ମିଳନୀ କେନ୍ଦ୍ର ଏବଂ ଭୁବନେଶ୍ୱରରେ ପୁଲିସ୍ ସ୍ମାରକୀ ନିର୍ମାଣ ପାଇଁ ୧୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍‌ରେ ନିଜସ୍ୱ ଟିକସ ରାଜସ୍ୱ ୭୦ ହଜାର କୋଟି ଆକଳନ କରାଯାଇଥିବା ବେଳେ ନିଜସ୍ୱ ଅଣଟିକସ ରାଜସ୍ୱ ୭୧ ହଜାର କୋଟି ଟଙ୍କା ଆକଳନ କରାଯାଇଛି । କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ୬୭.୪୬୦ କୋଟି କେନ୍ଦ୍ରୀୟ ଅନୁଦାନ ୪୦, ୦୪୦ କୋଟି ମୋଟ କେନ୍ଦ୍ରୀୟ ସହାୟତା ୧, ୦୭, ୫୦୦ କୋଟି, ମୋଟ ରାଜସ୍ୱ ଆୟ ୨୪୮ ୫୦୦ କୋଟି, ଋଣ ଓ ଅଗ୍ରୀମ ପୁନଃ ଭରଣା ୭୦୦ କୋଟି, ସରକାରୀ ଋଣ ୪୭୮୦୦ କୋଟି, ସରକାରୀ ହିସାବ ନିଟ୍ ୧୩୦୦୦ କୋଟି ମୋଟ ପୁଞ୍ଜିଆୟ ୬୧, ୫୦୦ କୋଟି ମୋଟ ରାଜସ୍ୱ ୩, ୧୦, ୦୦୦ କୋଟି ହିସାବ କରାଯାଇଛି ।

### ଏ ବର୍ଷ ହେବ ...

ବର୍ଷ ପାଇଁ ୪୭ ହଜାର ୮୦୦ କୋଟି ଟଙ୍କାର ଋଣ କରାଯିବ । ରାଜ୍ୟରେ ମୁଣ୍ଡପିଛା ଋଣ ଭାର ୨୫୬୬୮ ଟଙ୍କା ହୋଇଛି ବୋଲି ସେ କହିଛନ୍ତି । ଭିଜନ ୨୦୩୬-ସମୃଦ୍ଧ ଓଡ଼ିଶା ଗଠନକୁ ସାକାର କରିବା ଲାଗି ଭିତ୍ତିଭୂମିର ବିକାଶ ଉପରେ ଏହି ବଜେଟ୍‌ରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଯେଉଁଥି ପାଇଁ ରେକର୍ଡ ପରିମାଣର ୭୨ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବାର ବ୍ୟବସ୍ଥା ହୋଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ପଞ୍ଜିକୃତ ଚାଷୀଙ୍କ ଧାନ ଉଠାଇବାରେ କୌଣସି ପ୍ରତିବନ୍ଧକ ନାହିଁ । ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ ସରକାର ନେବାର ବ୍ୟବସ୍ଥା କରିଛନ୍ତି । ବଜେଟ୍ ବ୍ୟୟ ବରାଦ ଅର୍ଥ ନିର୍ଦ୍ଧାରିତ ସମୟ ସୁଦ୍ଧା ଖର୍ଚ୍ଚ ହୋଇପାରୁନଥିବା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଭାବିକ ଭାବେ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ବଜେଟ୍ ଅର୍ଥ ଅଧିକ ପରିମାଣରେ ଖର୍ଚ୍ଚ ହୋଇଥାଏ । ତେବେ ୨୦୨୪-୨୫ ଆର୍ଥିକ ବର୍ଷରେ ଅନିୟମିତ ବର୍ଷା କାରଣରୁ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ସେଥିପାଇଁ ଖର୍ଚ୍ଚ ପରିମାଣ କମିଥିଲା । ତେବେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ୯୦ ପ୍ରତିଶତ ବଜେଟ୍ ଅର୍ଥ ଖର୍ଚ୍ଚ ହେବ ବୋଲି ଆଶା କରାଯାଉଛି । କାହିଁକି ନା ଚଳିତ ବର୍ଷ ଅଧିକ ଲୋକଶକ୍ତି ଅର୍ଥାତ୍ ୪୦ ହଜାର ପାଖାପାଖି ନିଯୁକ୍ତି କରାଯାଇଥିବାରୁ ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ସଂସଦୀୟ ବ୍ୟାପାରମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ମୁଖ୍ୟଶାସନ ସଚିବ ଅନୁଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ଅର୍ଥବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ସୂଚନା ଓ ଲୋକସମ୍ପର୍କ ତଥା ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

### ବଜେଟରେ କେଉଁ ...

ହଜାର ୫୬୭ କୋଟି , ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୧୦ ହଜାର ୨୦୪ କୋଟି , ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତି କରଣ ବିଭାଗକୁ ୯ ହଜାର ୬୧୦ କୋଟି , ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗକୁ ୫ ହଜାର ୫୫୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ସାଧାରଣ ପ୍ରଶାସନ ବିଭାଗ ପାଇଁ ୮୦୫କୋଟି ୧୧ଲକ୍ଷ , ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୨୨୭୧.୬୪ କୋଟି ଟଙ୍କା, ଆଇନ ବିଭାଗ ପାଇଁ ୧୦୯୪.୪୧ କୋଟି ଟଙ୍କା, ବାଣିଜ୍ୟ ବିଭାଗ ପାଇଁ ୩୧୭ କୋଟି ଟଙ୍କା, ଓଡିଶା ବିଧାନସଭା ପାଇଁ ୧୪୭.୪୦ କୋଟି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୧୫୩୮.୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଅନିସୂଚିତ ଜନଜାତି ଓ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗ ପାଇଁ ୬୬୪୯.୩୩ କୋଟି ଟଙ୍କା, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପାଇଁ ୩୮୫.୦୩ କୋଟି ଟଙ୍କା, କ୍ରୀଡା ଓ ଯୁବ ସେବା ବିଭାଗ ପାଇଁ ୧୩୫୯.୨୯ କୋଟି ଟଙ୍କା, ପର୍ଯ୍ୟଟନ ବିଭାଗ ପାଇଁ ୧୦୨୨.୭୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

### ଏଆଇ ଗଭର୍ଣ୍ଣାନ...

ପରିବର୍ତ୍ତନ ଏବଂ ବ୍ୟାପକ ମାପରେ ଠକେଇ ପରି ବିପଦର ସମୟୋପଯୋଗୀ ମୂଲ୍ୟାଙ୍କନ ଅତ୍ୟାବଶ୍ୟକ, ଯାହାଦ୍ୱାରା ଦେଶମାନେ ନିଜ ନାଗରିକମାନଙ୍କୁ ପ୍ରସ୍ତୁତ କରିପାରିବେ, ସୁରକ୍ଷା କରିପାରିବେ ଏବଂ ସେମାନଙ୍କ ଉପରେ ନିବେଶ କରିପାରିବେ ।

# ଏଆଇ କ୍ୟାମେରାରେ ଧରାପଡ଼ିଲେ ୩୯ ଶିକାରୀ, ୯ଟି ବନ୍ଧୁକ ଘାତକ ଅସ୍ତ୍ର ଜବତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କ୍ୟାମେରାରେ ଧରାପଡ଼ିଲେ ଶିକାରୀ । ଜଣେ କି ଦୁଇ ଜଣ ୩୯ ଜଣ ଶିକାରୀଙ୍କୁ ଧରିଛି ଜଙ୍ଗଲରେ ଲାଗିଥିବା ଏଆଇ କ୍ୟାମେରା । ଶିମିଳିପାଳ ଜାତୀୟ ଅଭୟାରଣ୍ୟ ଭିତରକୁ ଗୁରୁବାର ରାତିରେ ସଶସ୍ତ୍ର ଶିକାରୀ ଦଳ ପ୍ରବେଶ କରୁଥିବା ବେଳେ ବନ ବିଭାଗର ଏଆଇ କ୍ୟାମେରା ସେମାନଙ୍କ ଗତିବିଧି କଏଦ ହୋଇ ଥିଲା । ରିଅଲ୍ ଟାଇମ୍ ଆଲର୍ଟ ପାଇଁ ବନ କର୍ମଚାରୀମାନେ ୨୪ ଘଣ୍ଟିଆ ସଂଯୁକ୍ତ ଅଭିଯାନ ଚାଲାଇଥିଲେ । ଶିମିଳିପାଳ ସାଉଥ୍ ଡିଭିଜନ କର୍ମଚାରୀଙ୍କ ନେତୃତ୍ୱରେ ଚାଲିଥିବା କମ୍ବିଙ୍ଗ୍ ଅଭିଯାନରେ ୩୯ ଜଣ ଶିକାରୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ଠାରୁ ୯ଟି ବନ୍ଧୁକ, ବିପୁଳ ପରିମାଣର ଗନ୍ ପାଉଡର, ୨୦ରୁ ଅଧିକ ଧନୁ, ବାଣ ଓ ଅନ୍ୟାନ୍ୟ ଘାତକ ଅସ୍ତ୍ର ଜବତ କରାଯାଇଛି । ଶିକାରୀମାନେ ଉଦଳା ଥାନା ଅଧୀନସ୍ଥ ଅମ୍ବିକାଦେଇପୁର, ମହାଲି ସାହି, ଲୁକୁଇଡ଼ା, ମଟକମଟଲା, ଜିତୁସାହି, ଖଲାଡି ଓ ଲଙ୍ଗାଡି ଗ୍ରାମର ବୋଲି ପ୍ରାଥମିକ ତଦନ୍ତରେ ଜଣା ପଡ଼ିଛି । ଜେନାବିଲ୍ ୱାଇଲ୍ଡଲାଇଫ୍ ରେଞ୍ଜରେ ମାମଲା ରୁଜୁ ହୋଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି । ଅସ୍ତ୍ର ଆଇନ ଉଲ୍ଲଂଘନ ଅଭିଯୋଗ ନେଇ ଥାନାରେ ମାମଲା ରୁଜୁ ହୋଇଥିବା ନେଇ ସୂଚନା ମିଳିଛି ।୩ଟି ରେଞ୍ଜର କର୍ମଚାରୀ ସହ ୩ ଦଳ ସଶସ୍ତ୍ର ସ୍ୱତନ୍ତ୍ର ବାଘ ସୁରକ୍ଷା ବାହିନୀ ଏହି ଅଭିଯାନରେ ସାମିଲ ହୋଇଥିଲେ । ରିଆଲ୍ ଟାଇମ୍ ଡିଟେକ୍ସନ୍, ସକ୍ରିୟ ଗୁପ୍ତ ସୂଚନା ଓ ସମୟୋଚିତ କାର୍ଯ୍ୟାନୁଷ୍ଠାନ ଫଳରେ ଶିକାରୀ ମାନେ ଆତ୍ମସମର୍ପଣ କରିଥିବା ସୂଚନା ଦିଆଯାଇଛି ।

# ଖପ୍ରାଖୋଲ ବ୍ଲକ୍‌ରେ ୮୧ ଜଣ ମାଟ୍ରିକ ପରୀକ୍ଷା ଦେଲେନି

**ପାଟଣାଗଡ, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ୍‌ରେ ମୋଟ ୧୦ଟି ପରୀକ୍ଷା କେନ୍ଦ୍ରରେ ପଞ୍ଜିକରଣ ହୋଇଥିବା ୧୬୩୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୪୯ଜଣ ପରିକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଥିବା ବେଳେ ୮୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ଖପ୍ରାଖୋଲ ବ୍ଲକ୍‌ରେ ଚଳିତ ମାଟ୍ରିକ ପରୀକ୍ଷାରେ ସମୁଦାୟ ୧୦ଟି ପରୀକ୍ଷା କେନ୍ଦ୍ର ହେଇଥିବା ବେଳେ ପରୀକ୍ଷା କେନ୍ଦ୍ରମାନଙ୍କରେ ଶାନ୍ତିଶୃଙ୍ଖଳା ସହିତ ପରୀକ୍ଷା ଆରମ୍ଭ ହୋଇଯାଇଛି । ପ୍ରଥମ ଦିନ ପରୀକ୍ଷା କେନ୍ଦ୍ର ଗୁଡିକରେ ପଞ୍ଜିକରଣ ହୋଇଥିବା ୧୬୩୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ବ୍ଲକରେ ଥିବା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖପ୍ରାଖୋଲ କେନ୍ଦ୍ରରେ ୧୨୫ ଜଣ ମଧ୍ୟରୁ ୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ସେହିପରି ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେଙ୍ଗାଲି ପରୀକ୍ଷା କେନ୍ଦ୍ରରେ ୧୪୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣ ପରୀକ୍ଷାର୍ଥୀ, ମହାରାପଦର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୯୩ରୁ ୫ ଜଣ ପରୀକ୍ଷାର୍ଥୀ, ନାନ୍ଦୁପଲା କେନ୍ଦ୍ରରେ ୧୪୪ ରୁ ୬ଜଣ ପରୀକ୍ଷାର୍ଥୀ, ଫୁଲକିମୁଣ୍ଡା କେନ୍ଦ୍ରରେ ୧୪୨ରୁ ୩ଜଣ ପରୀକ୍ଷାର୍ଥୀ, ମାଳପଡା ପରୀକ୍ଷା କେନ୍ଦ୍ରରେ ୧୫୯ରୁ ୧୪ଜଣ ପରୀକ୍ଷାର୍ଥୀ, ଲାଠୋର ପରୀକ୍ଷା କେନ୍ଦ୍ରରେ ୧୪୯ ରୁ ୫ଜଣ ପରୀକ୍ଷାର୍ଥୀ, ଧାଣ୍ଡାମୁଣ୍ଡା ପରୀକ୍ଷା କେନ୍ଦ୍ରରେ ୨୭୦ରୁ ୨୦ଜଣ ପରୀକ୍ଷାର୍ଥୀ, ମାଟିଆଭଟା ପରୀକ୍ଷା କେନ୍ଦ୍ରରେ ୧୫୯ରୁ ୪ଜଣ ପରୀକ୍ଷାର୍ଥୀ ଓ ଲୁହାସିଂହା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୪୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି । ତେବେ ପରୀକ୍ଷା କେନ୍ଦ୍ର ଗୁଡିକରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ହୋଇଥିବା ଜଣା ପଡ଼ିଛି ।

# ରାଜ୍ୟରେ ମାଟ୍ରିକ ପରୀକ୍ଷାରେ ୧୨ ହଜାର ପିଲା ଅନୁପସ୍ଥିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାରଠୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି । ପ୍ରଥମ ଦିନ ପ୍ରଥମ ଭାଷା (ଓଡ଼ିଆ) ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । କିନ୍ତୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ୧୨ ହଜାର ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ଯାହ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚିନ୍ତା ପ୍ରକଟ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ମାଟ୍ରିକ୍ ପରୀକ୍ଷାରେ ୧୨ ହଜାର ଅନୁପସ୍ଥିତ ରହିବା ବିଷୟରେ ତର୍ଜମା କରାଯାଉଛି । କାହିଁକି ଅନୁପସ୍ଥିତ ରହିଲେ ସେନେଇ ତର୍ଜମା କରାଯାଉଛି । ଅନେକ ବ୍ୟକ୍ତିଗତ କାରଣରୁ ପରୀକ୍ଷା ଦିଆନ୍ତିନାହିଁ । ବିଭାଗ ସବୁ ବ୍ୟବସ୍ଥା କରିଛି । କିପରି ସମସ୍ତେ ପରୀକ୍ଷା ଦେବେ । ବିଭାଗୀୟ ତ୍ରୁଟି ନାହିଁ, ବ୍ୟକ୍ତିଗତ କାରଣରୁ ଅନୁପସ୍ଥିତ ରହିଛନ୍ତି । ସରକାର୍ ଡ୍ରପ୍ ଆଉଟ୍ ରୋକିବାକୁ ସବୁ ପଦକ୍ଷେପ ନେଇଛନ୍ତି । ଚାଇଲ୍ଡ ଟ୍ରକିଂ ସର୍ଭେ କରାଯାଉଛି । ନାମ ଲେଖା ଉତ୍ସବ କରାଯାଉଛି ।

**GOVERNMENT OF ODISHA** 25001/201/2526
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH.**
E-mail Id – eerw_deogarh@yahoo.co.in
**E-Procurement Notice**
**BID.IDENTIFICATION NO. SERWDGH-Online- 19/2025-26**

1. **No of Building work** :- (03 Nos)
2. **Estimated Cost:-** Approx. Rs.58.82 Lakhs to Rs.58.83 Lakhs.
3. **Mode of submission of tender:-**Tender shall be submitted online in www.tendersodisha.gov.in
4. **Availability of tender for online bidding:–27.02.2026, 10.00 A.M to 10.03.2026 up to 5.00 P.M**
5. **Date and time of opening of tender: –11.03.2026, 11.00 A.M**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Sd/- Superintending Engineer
R.W. Division, Deogarh
OIPR-25001/25087/1/25-26/0012

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି ।
ସଂ. MCS/Stores/E-Procure/Tender Notice/ Must Change Kit/72, ତା.17.02.2026
ଟେଣ୍ଡର ସଂ. 92265124
ବିବରଣୀ : (1) LHB EOG (ପାୱାର କାର) କୋଚ M36/SS-II ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମର ମଷ୍ଟ ଚେଞ୍ଜ (Must Change) କିଟ୍, (2) LHB EOG (ପାୱାର କାର) କୋଚ M72/SS-III ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (3) LHB EOG (ଏସି ଓ ନନ୍-ଏସି) କୋଚ M36/SS-II ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (4) M72 / SS-III ସିଡ୍ୟୁଲ ଇତ୍ୟାଦି ନିମନ୍ତେ, ପରିମାଣ : 104 CSET, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖ ପର ଠାରୁ 30 ମାସ, ଯାଞ୍ଚ ଏଜେନ୍ସି : TPI ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.03.2026ରିଖ, 1500 ଘଟିକାରେ ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର
PR-1153/Q/25-26

ଭୁବନେଶ୍ୱର, ୨୧ ଫେବୃୟାରୀ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଜଗତପୁରରେ ବିସ୍ଫୋରଣ : ପୋଡ଼ି ହୋଇ ମା' ଓ ଝିଅଙ୍କ ମୃତ୍ୟୁ

କଟକ,୨୦।୨
ନ୍ୟୁଜ୍‌ବ୍ୟୁରୋ

କଟକ ଜଗତପୁର ଅଞ୍ଚଳରେ ଏକ ଘରେ ଭୟଙ୍କର ବିସ୍ଫୋରଣ ଘଟିବା ପରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି, ଯାହା ଆବାସିକ ଅଞ୍ଚଳରେ ଅବୈଧ ବାଣ ତିଆରିକୁ ନେଇ ନୂତନ ଚିନ୍ତା ସୃଷ୍ଟି କରିଛି। ମୃତକମାନେ ଜଣେ ମା' ଏବଂ ତାଙ୍କ ଝିଅ ଭାବରେ ଚିହ୍ନଟ ହୋଇଛନ୍ତି, ଯେଉଁମାନେ ଗୁରୁବାର ରାତିରେ ଜଗତପୁର ଅନ୍ତର୍ଗତ ମହାଜନପୁରରେ ବିସ୍ଫୋରଣରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ସେମାନେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ, ଯେଉଁଠାରେ ଡାକ୍ତର ସେମାନଙ୍କୁ ଶୁକ୍ରବାର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଆହତ ଅନ୍ୟ ଏକ ଶିଶୁର ଅବସ୍ଥା ଗୁରୁତର ରହିଛି ଏବଂ



ସେ ଚିକିତ୍ସାଧୀନ ଅଛି। ଗୁରୁବାର ଏକ ଘର ଭିତରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ବିସ୍ଫୋରଣ ସମୟରେ ଘର ପରିସରରେ ଅବୈଧ ଭାବରେ ବାଣ ତିଆରି କରାଯାଉଥିଲା ବୋଲି ଅଭିଯୋଗ ହୋଇଛି। ପରିବାରର ତିନି ଜଣ ସଦସ୍ୟ, ଘର ମାଲିକଙ୍କ ସ୍ତ୍ରୀ, ବୋହୂ ଏବଂ ନାତୁଣୀ ଗୁରୁତର ପୋଡ଼ି ଆହତ ହୋଇଥିଲେ ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ଏସସିବିକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ପରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଗ୍ରାମର ଜଣେ ବାସିନ୍ଦା ଗୋବିନ୍ଦ ନାୟକ ତାଙ୍କ ବାସଭବନରେ ବାଣ ଗଚ୍ଛିତ ରଖିଥିବା ଅଭିଯୋଗ ହୋଇଛି। ଘର ଭିତରେ ଅଧିକ ବାଣ ସଂଗ୍ରହ କରାଯାଉଥିବା ସମୟରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ପ୍ରଭାବ ତୀବ୍ର ଥିଲା, ଫଳରେ ଅଗ୍ନିକାଣ୍ଡରେ ଘରର ଦୁଇଟି କୋଠରି ପୋଡ଼ି ଯାଇଥିଲା। ବିସ୍ଫୋରଣର ଶକ୍ତି ବହୁତ ପ୍ରଭାବ ପକାଇଥିଲା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। କର୍ତ୍ତୃପକ୍ଷ ଆବାସିକ କୋଠାରେ ବାଣର ଅବୈଧ ସଂରକ୍ଷଣ ଏବଂ ଏକତ୍ରୀକରଣ ସମେତ ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତି ଯାଞ୍ଚ କରୁଛନ୍ତି।

# ଖାଲିଥିବା ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ପୂରଣ ପାଇଁ ଚୟନ କମିଟି ଗଠନ କରାଯାଇଛି : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୦।୨
ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ କୁଳପତି ସଙ୍କଟ ! ବିଶ୍ୱବିଦ୍ୟାଳୟ ଅଛି ହେଲେ କୁଳପତି ନାହାନ୍ତି। ଏହି ପଦବୀ ପୂରଣ ନିମନ୍ତେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୪ ଧାରା ୬ ଅନୁଯାୟୀ ୧୩ ଗୋଟି ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି ଚୟନ ନିମନ୍ତେ କୁଳାଧିପତିଙ୍କ ଦ୍ୱାରା ଚୟନ କମିଟି ଗଠନ କରାଯାଇଛି। ଏଥିସହ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଗୁଡ଼ିକର କୁଳପତି ଚୟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇ ଚୟନ କମିଟି ଦ୍ୱାରା ଏହି



ଦରଖାସ୍ତ ଗୁଡ଼ିକର ତର୍ଜମା ଶେଷ ହେବା ସହିତ ସମ୍ପୃକ୍ତ ଚୟନ କମିଟି, କୁଳପତି ଚୟନ ନିମନ୍ତେ ତିନୋଟି ନାଁ ସୁପାରିଶ ହୋଇଛି। ପ୍ରତି ବିଶ୍ୱବିଦ୍ୟାଳୟ ନିମନ୍ତେ ଚୟନ କମିଟି ଦ୍ୱାରା ଚୟନ କରାଯାଇ ଥିବା ୩ ଜଣଙ୍କ ନାମ ସମ୍ପୃକ୍ତ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା କିମ୍ବା ପ୍ରତିଷ୍ଠାନରୁ ସ୍ପଷ୍ଟୀକରଣ ଗ୍ରହଣ କରିସାରିବା ପରେ ରାଜ୍ୟ ସରକାର ଏହାକୁ କୁଳପତି ନିଯୁକ୍ତି ପାଇଁ କୁଳାଧିପତିଙ୍କ ନିକଟକୁ ପଠାଯିବ। ତନ୍ମଧ୍ୟରୁ କୁଳାଧିପତି ଜଣଙ୍କୁ ଉକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଚୟନ କରିବେ। ଏନେଇ ଗୃହରେ ଲିଖିତ ଉତ୍ତର ରଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।





ଭୁବନେଶ୍ୱର : ୨୦୨୬-୨୭ ସାଧାରଣ ବଜେଟର ଏକ ନକଲ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ହସ୍ତାନ୍ତର କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

## ବିରୋଧୀ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ

# ଚାଲିପାରିଲାନି ବିଧାନସଭାର ପ୍ରଶ୍ନକାଳ

ଭୁବନେଶ୍ୱର,୨୦।୨
ନ୍ୟୁଜ୍‌ବ୍ୟୁରୋ

ଚାଷୀ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ଦିନ ମଧ୍ୟ ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ହଟ୍ଟଗୋଳ କରିଛନ୍ତି। ଏହି କାରଣରୁ ବଜେଟ ଅଧିବେଶନର ତୃତୀୟ ଦିବସର ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ କାର୍ଯ୍ୟକ୍ରମ ହୋଇପାରିନାହିଁ। ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଗୃହକୁ ପ୍ରଥମେ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଏହା ପରେ ମଧ୍ୟ ସ୍ଥିତି ନ ସୁଧୁରିବା କାରଣରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ।

ଶୁକ୍ରବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ। ମାତ୍ର ବିଧାନସଭା ବୈଠକ ଆରମ୍ଭରୁ ବିରୋଧୀଙ୍କ ପକ୍ଷରୁ ପ୍ରବଳ ହଟ୍ଟଗୋଳ କରାଯାଇଥିଲା। ଧାନମଣ୍ଡି ସମସ୍ୟା, ଧାନକିଣାରେ ଅନିୟମିତତା ଓ ଚାଷୀମାନଙ୍କର ଅନ୍ୟ ସମସ୍ୟାକୁ ନେଇ ନେଇ ବିଜେଡି ଓ କଂଗ୍ରେସର ବିଧାୟକମାନେ ପ୍ରତିବାଦ କରିଥିଲେ। ବିରୋଧୀ ଦଳର ବିଧାୟକମାନେ ଚାଷୀ ମାରଣାନୀତି, ମଣ୍ଡି ସମସ୍ୟା, କଟ୍‌ନୀଛଟ୍‌ନୀ ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ କରିଥିଲେ। ସେମାନଙ୍କ ହାତରେ ବ୍ୟାନରମାନ ଥିଲା ଯେଉଁଥିରେ ବିଭିନ୍ନ ପ୍ରକାର ସରକାର



ବିରୋଧୀ ସ୍ଲୋଗାନମାନ ଲେଖା ଯାଇଥିଲା। ବାଚସ୍ପତି ଶ୍ରୀମତୀ ପାଢ଼ୀ ହଟ୍ଟଗୋଳ କରୁଥିବା ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ। ହେଲେ ଏହାର କୌଣସି ପ୍ରକାର ପ୍ରଭାବ ବିରୋଧୀ ବିଧାୟକଙ୍କ ଉପରେ ପଡି ନ ଥିଲା। ଏହା ଫଳରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହକୁ ୧୦.୩୬ ମିନିଟରୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

ଦିନ ୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ମାତ୍ରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ବିରୋଧୀ ଦଳର ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିବା ସହ ନାରାବାଜୀ କରିଥିଲେ। ଏହି କାରଣରୁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିବା ସହ ସମାଧାନ ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ଉଲ୍ଲେଖନୀୟ ଯେ ଗତ ତିନିଦିନ ଧରି ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ବିରୋଧୀ ଦଳ ପକ୍ଷରୁ ହଟ୍ଟଗୋଳ କରାଯାଉଛି।

# ଅପରେସନ୍ ବ୍ଲାକ୍ ଫରେଷ୍ଟ-୨ : ଟଳିଲେ ୫ ଦୁର୍ଦ୍ଦାନ୍ତ ମାଓବାଦୀ

ମାଲକାନଗିରି,୨୦।୨ :ନ୍ୟୁଜ୍‌ବ୍ୟୁରୋ

ମାଓବାଦୀଙ୍କ ବିରୋଧରେ ସୁରକ୍ଷାବଳଙ୍କୁ ମିଳିଛି ଏକ ବଡ଼ ସଫଳତା। 'ଅପରେସନ୍ ବ୍ଲାକ୍ ଫରେଷ୍ଟ-୨'ରେ ଟଳିଛନ୍ତି ୫ ଜଣ ଦୁର୍ଦ୍ଦାନ୍ତ ମାଓବାଦୀ। ଛତିଶଗଡ଼ ଓ ତେଲଙ୍ଗାନା ସୀମାନ୍ତ ଜଙ୍ଗଲରେ ଯବାନଙ୍କ ଗୁଳିରେ ନକ୍ସଲ ମୂଳପୋଛ ଅଭିଯାନ ଆହୁରି ଜୋରଦାର ହୋଇଛି।

ଛତିଶଗଡ଼ ଏବଂ ତେଲଙ୍ଗାନା ସୀମାରେ ଥିବା କାରେଗୁଟ୍ଟା ଜଙ୍ଗଲରେ ମାଓବାଦୀମାନେ ମେଳି କରୁଥିବା ଖବର ପାଇ ଯବାନମାନେ ଚଢ଼ଉ କରିଥିଲେ। ଭୟଙ୍କର ଗୁଳି ବିନିମୟରେ ୫ ଜଣ ନକ୍ସଲ ନିହତ ହୋଇଛନ୍ତି। ମୃତକଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ।

ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଲକ୍ଷ୍ୟ ଅନୁଯାୟୀ ଏହି ଶେଷ ଲଢ଼େଇ ଆରମ୍ଭ ହୋଇଛି। ଗୁରୁବାରରୁ ଆରମ୍ଭ ହୋଇଥିବା



ଏହି ଅଭିଯାନରେ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଯବାନ ସାମିଲ ହୋଇଛନ୍ତି। ଘଟଣାସ୍ଥଳରୁ ସୁରକ୍ଷାବଳ ବିପୁଳ ପରିମାଣର ବିସ୍ଫୋରକ ଏବଂ ମାଓ ସାମଗ୍ରୀ ଜବତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଅପରେସନରେ ୩୧ ନକ୍ସଲଙ୍କୁ ନିପାତ କରାଯାଇଥିଲା ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ସହ ବିସ୍ଫୋରକ ଜବତ ହୋଇଥିଲା। ସେହି ସମୟରେ ଦୁର୍ଦ୍ଦାନ୍ତ ମାଓ ନେତା ହିଡ଼ମା ସହ ୨୦୦ରୁ ଅଧିକ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ।

# ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷା ଆବେଦନ ଫର୍ମରେ ଯୋଡ଼ିହେଲା 'ତୃତୀୟ ଲିଙ୍ଗ' ବିକଳ୍ପ

ଭୁବନେଶ୍ୱର,୨୦।୨ :ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷା ଆବେଦନ ଫର୍ମରେ ଯୋଡ଼ିହେଲା 'ତୃତୀୟ ଲିଙ୍ଗ' ବିକଳ୍ପ। ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୨୫ ବିଜ୍ଞପ୍ତିରେ ସଂଶୋଧନ କରାଯାଇଛି। ଏହି ବର୍ଗର ପ୍ରାର୍ଥୀଙ୍କୁ ପରୀକ୍ଷାରେ ସୁଯୋଗ ଦେବା ଲାଗି ପଞ୍ଜୀକରଣ ଓ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ଯଦି ତୃତୀୟ ଲିଙ୍ଗ ମାନ୍ୟତା ପାଇବା ପରେ ପ୍ରାର୍ଥୀଙ୍କ ନାମରେ କୌଣସି ପରିବର୍ତ୍ତନ ହୋଇଥାଏ, ତେବେ ସେ ସମ୍ପର୍କିତ ଡକ୍ୟୁମେଣ୍ଟ ମଧ୍ୟ ଦାଖଲ କରିବା ଅନିର୍ବାର୍ଯ୍ୟ। ଏହି ନିଷ୍ପତ୍ତି ପଛରେ ଓଡ଼ିଶା ମାନବାଧିକାର କମିଶନ ଓଏଚଆରସିଙ୍କ ନିର୍ଦ୍ଦେଶ ରହିଛି। ସୋନି ସିଲ୍ ନାମକ ଜଣେ ତୃତୀୟ ଲିଙ୍ଗ ପ୍ରାର୍ଥୀ ଓପିଏସସି ପରୀକ୍ଷା ଫର୍ମରେ ଉପଯୁକ୍ତ ବିକଳ୍ପ ନଥିବାରୁ ପାତରଅନ୍ତର ଅଭିଯୋଗ କରି ଏକ ପିଟିସନ ଦାଖଲ କରିଥିଲେ। ଏହାକୁ ଆଧାର କରି ଓଏଚଆରସି ରାଜ୍ୟ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗକୁ ଏହି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ସମସ୍ତ ସରକାରୀ ବିଭାଗ ଓ ନିଗମଗୁଡ଼ିକର ନିଯୁକ୍ତି ପ୍ରକ୍ରିୟାରେ ତୃତୀୟ ଲିଙ୍ଗ ବିକଳ୍ପ ସୁନିଶ୍ଚିତ କରିବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ମଧ୍ୟ କୁହାଯାଇଛି। ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶାବଳୀର ଅନୁପାଳନ ରିପୋର୍ଟ ୬୦ ଦିନ ମଧ୍ୟରେ ଦାଖଲ କରିବାକୁ ଓଏଚଆରସି ନିର୍ଦ୍ଦେଶ ଦେଇଛନ୍ତି।

# ରାଜଧାନୀରେ ଅଟକିଲା ବାଲ୍ୟ ବିବାହ

ଭୁବନେଶ୍ୱର,୨୦।୨
ନ୍ୟୁଜ୍‌ବ୍ୟୁରୋ

ଭୁବନେଶ୍ୱର ଓଲ୍ଡ ଟାଉନ ଏରିଆରେ ବାଲ୍ୟ ବିବାହ ଚାଲୁଥିବା ଖବର ପାଇ ହିନ୍ଦୁ ସଂଗଠନ ସହିତ ଲିଙ୍ଗରାଜ ଥାନା ପୋଲିସ ଓ ଚାଇଲ୍ଡଲାଇନ ପହଞ୍ଚି ଏହାକୁ ରୋକିଛନ୍ତି। ଲିଙ୍ଗରାଜ ମନ୍ଦିର ପାଖରେ ଥିବା ଏକ ମଣ୍ଡପରେ ୧୬ ବର୍ଷ ଝିଅ ସହିତ ୪୫ ବର୍ଷ ବ୍ୟକ୍ତିର ବାହାଘର ଲୁଚାଇ ହେଉଥିବାର ସୂଚନା ମିଳିଥିଲା। ଖବର ପାଇ ମହିଳା ସଂଗଠନ ସେଠାରେ ପହଞ୍ଚିଥିଲା। ଝିଅର ବୟସକୁ ନେଇ ଉତ୍ତେଜନା ଦେଖା ଦେଇଥିବା ବେଳେ ଲିଖିତ ଅଭିଯୋଗ ହେବା ପରେ ବାହାଘର ଅଟକିଥିଲା।

## ଅନ୍ୟାୟ ବିରୁଦ୍ଧରେ ଗର୍ଜିବେ ବିଜେଡି ମହିଳା

# ନୂତନ କର୍ମକର୍ତ୍ତାଙ୍କୁ ଭେଟି ଗୁରୁମନ୍ତ୍ର ଦେଲେ ନବୀନ

ଭୁବନେଶ୍ୱର,୨୦।୨
ନ୍ୟୁଜ୍‌ବ୍ୟୁରୋ

ଶଙ୍ଖ ଭବନଠାରେ ବିଜୁ ମହିଳା ଜନତା ଦଳର ନୂତନ କର୍ମକର୍ତ୍ତାଙ୍କୁ ଭେଟିଲେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ। ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ବିଜୁ ଜନତା ଦଳ ହେଉଛି ଓଡ଼ିଶାର କୋଟି କୋଟି ମା'ମାନଙ୍କର ନିଜ ଦଳ। ଗତ ୨୭ ବର୍ଷର ଯାତ୍ରା ଭିତରେ ବିଜେଡି ମା'ମାନଙ୍କର ସଶକ୍ତି କରଣ ଉପରେ ସବୁବେଳେ ପ୍ରାଥମିକତା ଦେଇ ଆସିଛି। ଶ୍ରୀ ପଟ୍ଟନାୟକ କହିଥିଲେ ମା'ମାନଙ୍କ ସଶକ୍ତ କରଣ ହିଁ ଓଡ଼ିଶାର ପ୍ରକୃତ ସଶକ୍ତିକରଣ। ବିଜୁ ମହିଳା ଜନତା ଦଳ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଏକ ଆଦର୍ଶ ସଶକ୍ତି କରଣ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରି ଗାଁ ଗାଁରେ ମା'ମାନଙ୍କୁ ସଂରକ୍ଷିତ କରିବା ଓ ସେମାନଙ୍କ ଆର୍ଥିକ



ବିକାଶ ଦିଗରେ ସବୁବେଳେ ମା'ମାନଙ୍କ ସାଥିରେ ଅଛି।

ମା'ମାନଙ୍କ ରୋଜଗାର ବୃଦ୍ଧି ସହିତ ସେମାନଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିବା ହେଉଛି ବିଜୁ ମହିଳା ଜନତା ଦଳର ଆଦର୍ଶ। ମା'ମାନଙ୍କର ସଶକ୍ତି କରଣକୁ ଏକ ସାମାଜିକ ଆନ୍ଦୋଳନ ଭାବରେ ଗଢ଼ି ତୋଳିବାରେ ବିଜୁ ଜନତା ଦଳର ଭୂମିକା ଉଲ୍ଲେଖନୀୟ। ମହିଳାମାନଙ୍କ ଉପରେ ବଢ଼ି ଚାଲିଥିବା ଅତ୍ୟାଚାର ଘଟଣାରେ କ୍ଷୋଭ ପ୍ରକାଶ କରିବା ସହ ମହିଳାମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଲଢ଼େଇକୁ ଆହୁରି ଜୋରଦାର କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଏଥିସହିତ ମିଥ୍ୟା ପ୍ରଚାରକୁ ପ୍ରତିରୋଧ କରି ମା'ମାନଙ୍କୁ ବିକାଶ ମାର୍ଗରେ ନେବା ପାଇଁ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ ପଟ୍ଟନାୟକ ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆ ସ୍ୱାଗତ ଭାଷଣ ଦେଇଥିଲେ। ନବ ନିଯୁକ୍ତ ଦଳୀୟ କର୍ମକର୍ତ୍ତାମାନେ ସଭାପତିଙ୍କୁ ତାଙ୍କର ମାର୍ଗ ଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ।

# ବଜେଟ୍‌କୁ ନବୀନଙ୍କ କଟାକ୍ଷ

ଭୁବନେଶ୍ୱର,୨୦।୨
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି। ବଜେଟକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କଟାକ୍ଷ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବଜେଟ ଉପସ୍ଥାପନ ପରେ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କହିଛନ୍ତି, ରୋଷେଇ ଘର ନାହିଁ, ହେଲେ ଖାଦ୍ୟ ମେନୁ ମାଳ ମାଳ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୦/୦୨/୨୦୨୬
୫,୪୧,୭୦୧ ଟଙ୍କା
ସୁନା:-୦୯ ଗ୍ରାମ୍ ୫୦୦ ମିଲିଗ୍ରାମ
ରୂପା:-୪୫ ଗ୍ରାମ୍ ୦୦୦ ମିଲିଗ୍ରାମ୍

# ଭିଜିଲାନ୍ସ ଜାଲରେ ସେକ୍ସନ ଫରେଷ୍ଟର ଓ ପିଇଓ

କଟକ,୨୦।୨ :ନ୍ୟୁଜ୍‌ବ୍ୟୁରୋ

କଳାହାଣ୍ଡି ଜିଲ୍ଲା ଭଟାଙ୍ଗପଦର ସେକ୍ସନ ଫରେଷ୍ଟର ଭାଗବତ ଭୂଷଣ ବେହେରାଙ୍କର ବିପୁଳ ସମ୍ପତ୍ତି ଠାବ କଲା ଭିଜିଲାନ୍ସ। ଭବାନୀପାଟଣାରେ ଫରେଷ୍ଟର ବାବୁଙ୍କର ରହିଛି ୯ ପ୍ଲଟ। ଭବାନୀପାଟଣା ସହରରେ ଗୋଟିଏ ୫୩୦୦ ବର୍ଗଫୁଟର ୩ ମହଲା କୋଠା ରହିଥିବାବେଳେ ଗୋଟିଏ ଟୟୋଟା କ୍ରୁଇଜର, ୨ ହାର୍ଭେଷ୍ଟ ମେସିନ, ୪ ଟ୍ରାକ୍ଟର, ୧ ବୋଲେରୋ, ଗୋଟିଏ ବାଇକ୍ ସହ ୨୧୦ ଗ୍ରାମ୍‌ର ସୁନା ଠାବ କରିଛି ଭିଜିଲାନ୍ସ। ଏହାଛଡ଼ା ବ୍ୟାଙ୍କ ଓ ପୋଷ୍ଟାଲ ଜମା ନେଇ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ ଜାରି ରହିଛି। ୨ ହଜାର ମସିହାରେ ୩ ହଜାର ଦରମାରେ ଫରେଷ୍ଟ ଗାର୍ଡ ଚାକିରି ଆରମ୍ଭ କରିଥିଲେ ଭାଗବତ। ଶୁକ୍ରବାର ସକାଳୁ ତାଙ୍କ ପୈତୃକ ବାସଭବନ ସମେତ ଭବାନୀପାଟଣା ଠାରେ ଥିବା ତିନି ମହଲା କୋଠା ଏବଂ ଭଟାଙ୍ଗପଦର୍ ସ୍ଥିତ କାର୍ଯ୍ୟାଳୟରେ



ଏକକାଳୀନ ଚଢ଼ଉ ଚାଲିଛି।

ସେହିପରି କଟକ ଟାଙ୍ଗୀ-ଚୌଦ୍ୱାର ବ୍ଲକର ପଞ୍ଚାୟତ ଅଧିକାରୀ ଜଣେ ମେକାନିକ୍‌ଙ୍କ ଦରମା ଦେବା ପାଇଁ ୫୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ମାଡ଼ି ବସିଲା ଭିଜିଲାନ୍ସ। ସୂଚନାଥାଉକି, କଟକ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଟିମୁଣ୍ଡା ଗ୍ରାମ ପଞ୍ଚାୟତର ପିଇଓ ଭରତ ଭୂଷଣ ମିଶ୍ରଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ବକେୟା ଦରମା ଦେବା ପାଇଁ ଏବଂ ତାଙ୍କ ଚାକିରି ଅବଧି ବୃଦ୍ଧି କରିବା ପାଇଁ ଭଟିମୁଣ୍ଡା ଗ୍ରାମ ପଞ୍ଚାୟତର ଜଣେ ମେକାନିକ୍‌ଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ନେଉଥିଲେ। ପିଇଓ ବକେୟା ଦରମା ପ୍ରଦାନ ଏବଂ ଅଭିଯୋଗକାରୀଙ୍କ ଚାକିରି ବୃଦ୍ଧି ପାଇଁ ଲାଞ୍ଚ ଦାବି କରିବା ଉପରେ ଜିଦ୍ ଧରିବାରୁ, ସେ ଘଟଣାଟି ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସୂଚନା ପାଇ, ଶୁକ୍ରବାର ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଶ୍ରୀ ମିଶ୍ରଙ୍କୁ ମେକାନିକ୍ ଠାରୁ ୫୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଛି।

# ୧୧ ବର୍ଷ ପରେ ଫେରିବ ହାଣ୍ଡିଭଙ୍ଗା ଯାତ : ଅନ୍ତରୀଣ ସେବା ସ୍ୱତ୍ୱକୁ ମାନିବେ ଖୁଣ୍ଟିଆ ଓ ମଲିଆ ସେବାୟତ

ଭୁବନେଶ୍ୱର,୨୦।୨
ନ୍ୟୁଜ୍‌ବ୍ୟୁରୋ

ବିଲୁପ୍ତ ପ୍ରାୟ ଦେବନୀତି ହାଣ୍ଡିଭଙ୍ଗା ଯାତକୁ ସ୍ୱାଭାବିକ କରିବାକୁ କପିଳେଶ୍ୱରଙ୍କ ସେବାୟତମାନେ ସମ୍ମିଳିତ ଭାବେ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ୧୧ ବର୍ଷ ପରେ ଶନିବାର ଏକାଠି ହେବେ ମହାପ୍ରଭୁ ଶ୍ରୀଲିଙ୍ଗରାଜ, ବାସୁଦେବ, ମା'ପାର୍ବତୀ, କପିଳେଶ୍ୱର ଓ ଶନିଶ୍ୱର। ପୂରଣ ହେବ ଶ୍ରଦ୍ଧାଳୁ ଆଉ ସେବାୟତଙ୍କ ଦେବନୀତି ଦର୍ଶନର ଉତ୍କଣ୍ଠା। ଏଥିପାଇଁ ଗୁରୁବାର ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ କପିଳେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ବୈଠକ ହୋଇଥିଲା। ଏଥିରେ ମୁଖ୍ୟତଃ



ଶ୍ରୀଲିଙ୍ଗରାଜ କିପରି ହାଣ୍ଡିଭଙ୍ଗା ଯାତ ପାଇଁ କପିଳେଶ୍ୱରଙ୍କ ମନ୍ଦିର ବିଜେ କରିବେ ଓ ସମ୍ପୂର୍ଣ୍ଣ ପୂଜାନୀତି ସମନ୍ୱୟ ରକ୍ଷା ପୂର୍ବକ ସମାପନ ହେବ ଆଲୋଚନା ହୋଇଥିଲା।

ନିଷ୍ପତ୍ତି ଅନୁଯାୟୀ, କପିଳେଶ୍ୱରଙ୍କ ଖୁଣ୍ଟିଆ ଓ ମଲିଆ ସେବାୟତଙ୍କ ସେବାସ୍ୱତ୍ୱ ଚୂଡ଼ାନ୍ତ କରିବାକୁ ୩ ଜଣିଆ ନ୍ୟାୟିକ କମିଟି ଗଠନ ହେବ। କିନ୍ତୁ ଏବେ ହାଣ୍ଡିଭଙ୍ଗା ଯାତ ଲାଗି ଏକ ଅନ୍ତରୀଣ ସେବା ପୂଜା ତାଲିକା କରାଯାଇଛି। ଏହି ଅନ୍ତରୀଣ ତାଲିକା ଅନୁଯାୟୀ ଖୁଣ୍ଟିଆ ସେବାୟତମାନେ ଶନିବାର ଭୋର ୪ଟାରେ ମନ୍ଦିରରେ ପହଞ୍ଚି ମଙ୍ଗଳ ଆଳତୀ କରିବେ। ଠାକୁରଙ୍କ ଦିନ ତମାମର ୪ ବେଳା ପାଇଁ କୋଠ ବ୍ୟଞ୍ଜନାଦି ପ୍ରସ୍ତୁତି ଓ ସମର୍ପଣ କରିବେ। କିନ୍ତୁ ବରାଦି ଭୋଗ ପ୍ରସ୍ତୁତି ଏବଂ ସେହି ସନ୍ଧ୍ୟାରେ ଶ୍ରୀଲିଙ୍ଗରାଜ-କପିଳେଶ୍ୱରଙ୍କ ଭେଟ ଆଳତୀ ନୀତି ମଲିଆ ସେବାୟତଙ୍କ ଦ୍ୱାରା କରାଯିବ। ଏହି ସମସ୍ତ ନିଷ୍ପତ୍ତି ଉପରେ ଆପାତତଃ ବୈଠକ ବେଳେ ଉଭୟ ପକ୍ଷ ସେବାୟତମାନେ ଅନେକ ବାଦବିବାଦ ସତ୍ତ୍ୱେ ସହମତି ଜଣାଇଥିଲେ। କିନ୍ତୁ ବୈଠକ ବାହାରେ ଅନେକ ଖୁସି ନଥିବା କହିଛନ୍ତି। ତେଣୁ ଯାତ୍ରା ନ ବଢ଼ିବା ଯାଏଁ କିଛି ବି ଠିକଣା ଭାବେ କହିହେବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଆପଟିଆ ସେବାୟତ ପ୍ରଭାତ କୁମାର ମହାନ୍ତି କହିଛନ୍ତି, କେବେଠାରୁ ଆମ କାନ୍ଧ ଦେବାଦେବୀଙ୍କୁ କାନ୍ଧେଇ ବୁଲେଇବାକୁ ଝୁରି ହେଉଥିଲା। ଏବେ ସ୍ୱପ୍ନ ସାକାର ହେବ ଓ କାନ୍ଧରେ ବିମାନ ଭାର ଶୋଭା ପାଇବ। ଏତିକି ହିଁ ଆମ ଆନନ୍ଦ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ତଥା କପିଳେଶ୍ୱର ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ, ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧା ସଙ୍ଗୀତା ସାହୁ, ଟ୍ରଷ୍ଟବୋର୍ଡ ସଭ୍ୟ ଅବନୀକାନ୍ତ ପଟ୍ଟନାୟକ ଏବଂ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

